ବର୍ଷ-୨୫, ସଂଖ୍ୟା-୬୭
ଭୁବନେଶ୍ୱର
୦୯, ମାର୍ଚ୍ଚ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 67
Bhubaneswar
09, March, 2025, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

### ୧ କୋଟି ୬୪ ହଜାର ମହିଳା ପାଇଲେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

# ୨୪ ବର୍ଷରେ ଯାହା ହୋଇନଥିଲା ୯ମାସରେ ହେଲା

**ଭୁବନେଶ୍ୱର,୮।୩(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଗଂଜାମ ଜିଲ୍ଲା ବ୍ରହ୍ମପୁର ସହରର ଆମ୍ଭପୁଆ ଠାରେ ରାଜ୍ୟର ୧ କୋଟି ୬୪ ହଜାର ମହିଳାଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ୫୧ତମ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୯ ମାସର ଆମର ନୂଆ ସରକାର ଆଜି ରାଜ୍ୟର ୧ କୋଟିରୁ ଅଧିକ ମା'ଙ୍କ ପାଇଁ ଆର୍ଥିକ ସ୍ୱାଧୀନତାର ରାସ୍ତା ଖୋଲି ପାରିଛି । ସବୁ ମା'ଙ୍କୁ ୨ଟି କିସ୍ତିରେ ୧୦ ହଜାର ଟଙ୍କା ଲେଖାଏଁ ମିଳିଲା। ସେ ଦୃଷ୍ଟିରୁ, ମୁଖ୍ୟମନ୍ତ୍ରୀ ଭାବେ ଆଜି ଦିନଟି ମୋ ପାଇଁ ସବୁଠାରୁ ସନ୍ତୋଷର ଦିନ ଓ ସବୁଠାରୁ ଗୌରବର ଦିନ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପୂର୍ବ ସରକାରଙ୍କୁ ସମାଲୋଚନା କରି କହିଛନ୍ତିଯେ, ଯେଉଁମାନେ ପଚାରୁଛନ୍ତି ଯେ ଆମ ସରକାର ୯ ମାସରେ କ'ଣ କରିଛି, ସେମାନଙ୍କୁ କୁହନ୍ତୁ ଯେ ୨୪ ବର୍ଷରେ ଯେଉଁ ସରକାର ମହିଳାଙ୍କ ପାଇଁ କେବଳ ସ୍ଲୋଗାନ ଦେଉଥିଲେ, ମୋହନ ସରକାର କ୍ଷମତାକୁ ଆସିବାର ମାତ୍ର ୨୪ ମିନିଟ ମଧ୍ୟରେ ଐତିହାସିକ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନେଇଥିଲେ ଏବଂ ଖୁସିର ବିଷୟ ଯେ ତିନିମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ କରି ଆଜି ୯ ମାସ ମଧ୍ୟରେ ଏକ କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି।



ସେ ଆହୁରି ମଧ କହିଥିଲେଯେ, ଆମର ନିନ୍ଦୁକମାନେ ଭୁଲି ଯାଇଛନ୍ତି ଯେ ଶିଶୁଟିଏ ଜନ୍ମ ହେବାକୁ ମଧ ମା' ଗର୍ଭରେ ୯ ମାସ ବିତେଇବାକୁ ପଡିଥାଏ। ଆମ ସରକାରର ୯ ମାସ ପୂରଣ କରିବାକୁ ଆହୁରି ଚାରିଦିନ ବାକି ଅଛି। କିନ୍ତୁ, ଏହି ସ୍ୱଳ୍ପ ସମୟ ଭିତରେ ଆମେ ଓଡିଶାର ଜନସାଧାରଣଙ୍କ ପାଇଁ ଯେଉଁ କାର୍ଯ୍ୟ କରି ପାରିଛୁ, ତାହା ସେମାନେ ପ୍ରକୃତରେ ବିଶ୍ୱାସ କରିପାରୁ ନାହାନ୍ତି। ସେମାନେ ବିଶ୍ୱାସ କରି ପାରୁନାହାନ୍ତି ଯେ ଚାଷୀଙ୍କୁ ୨୪ ବର୍ଷ ରେ ଏମଏସପି ଠାରୁ କିଛି ଅଧିକ ଟଙ୍କା ଦେଇ ପାରିଲେ ନାହିଁ , କିନ୍ତୁ ଏ ନୂଆ ସରକାର କିପରି ଭାବେ ୨୪ ମିନିଟରେ କୁଇଂଟାଲ ପିଛା ୧୦୦ ନୁହେଁ, ୮୦୦ ଟଙ୍କା ଦେବା ପାଇଁ ନିଷ୍ପତି ନେଇଗଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଜବାବ ରଖି କହିଥିଲେଯେ, ୨୪ ବର୍ଷ ଧରି ଆପଣ ଯାହା କରିବାକୁ ଚିନ୍ତା କରିପାରି ନ ଥିଲେ ଆମେ ତାକୁ କାର୍ଯ୍ୟରେ ପରିଣତ କରିଛୁ। ଗରିବ ପରିବାରଙ୍କ କନ୍ୟା ସନ୍ତାନ ବିବାହ ଏବଂ ରାଜ୍ୟର ଗରିବ ଜନସାଧାରଣଙ୍କୁ ନିଃଶୁଳ୍କ ଜଗନ୍ନାଥ ଦର୍ଶନ କରାଇବାର ନିଷ୍ପତ୍ତି ମଧ ଆମେ ନେଇଛୁ। ସେ ପୁଣି କହିଥିଲେ, ଏହି କାର୍ଯ୍ୟକ୍ରମ ଆଜି ଏକ ବିପ୍ଳବରେ ପରିଣତ ହୋଇଛି, ସୁଭଦ୍ରା ବିପ୍ଳବ। କାରଣ ସୁଭଦ୍ରା ଯୋଜନା କେବଳ ବର୍ଷକୁ ଦୁଇଥର ସହାୟତା ବାଣ୍ଟିବା କାର୍ଯ୍ୟକ୍ରମ ନୁହେଁ। ସୁଭଦ୍ରା ଯୋଜନା ଏକ ବ୍ୟାପକ ଅଭିଯାନର ରୂପ ନେବାକୁ ଯାଉଛି। କିଶୋରୀ ମାନଙ୍କଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ବୟସର ମହିଳାମାନେ ସଶକ୍ତ ଏବଂ ସମୃଦ୍ଧ ହୋଇପାରିବାର ବ୍ୟବସ୍ଥା କରାଯାଉଛି। ଏହା ରାଜ୍ୟର ପ୍ରତ୍ୟେକ ସୁଭଦ୍ରାଙ୍କ ମନରେ ଏକ ନୂତନ ଆଶା ଓ ବିଶ୍ୱାସର ସଂଚାର କରିବ।

ମୁଖ୍ୟମନ୍ତ୍ରୀ କହିଥିଲେଯେ, ମହିଳାଙ୍କ ବିରୁଦ୍ଧରେ ହିଂସାରେ ଲିପ୍ତ ବ୍ୟକ୍ତି ସରକାର, ବିଶେଷଭାବେ ବ୍ୟକ୍ତିଗତ ଭାବେ ମୋ ପାଇଁ କେବଳ ଜଣେ ଜଣେ ଅପରାଧୀ, ଏବଂ ଏହିପରି ଅପରାଧୀଙ୍କ ସ୍ଥାନ ଜେଲର ଚାରିକାନ୍ଥ ମଧ୍ୟରେ, ସଭ୍ୟ ସମାଜରେ ତାଙ୍କର କୌଣସି ସ୍ଥାନ ନାହିଁ। ଏହାକୁ କଡାକଡି ଭାବେ ପାଳନ କରିବା ପାଇଁ ମୁଁ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇସାରିଛି।

## ପାଣ୍ଡିଆନ, ବବିଙ୍କ ଯୋଗୁଁ ପାୱାରଫୁଲ ଥିଲେ ରାଜା ଚକ୍ର : ମମତା

**ଭୁବନେଶ୍ୱର,୮।୩(ମହାଭାରତ):** ବିଜେପି ସାଂସଦ ମମତା ମହନ୍ତଙ୍କ ବିସ୍ଫୋରକ ବୟାନ। କହିଲେ ପାଣ୍ଡିଆନ, ବବିଙ୍କ ଯୋଗୁଁ ପାୱାରଫୁଲ ଥିଲେ ରାଜା ଚକ୍ର। ବିଜେଡିର ୨୪ ବର୍ଷ ଶାସନରେ ସବୁଠି ଦୁର୍ନୀତି ଓ ମାଫିଆଙ୍କ ଦବଦବା ଚାଲିଥିବା ସେ ଅନୁଭବ କରିଥିବା କହିଛନ୍ତି। ଭରପୁର ଖଣି ଥିବା କେଉଁଝର ସବୁଠୁ ଧନୀ ଜିଲ୍ଲା। କେଉଁଝରରେ ସବୁଠୁ ପ୍ରଭାବଶାଳୀ ଥିଲେ ରାଜା ଚକ୍ର । ସମସ୍ତେ ତାଙ୍କ କଥାରେ ଚଳୁଥିଲେ। କିଏ ଦେଇଥିଲା ରାଜାଙ୍କୁ ଏତେ ପାୱାର ପୋଲିସ ତାର ତଦନ୍ତ କରୁଛି । ମୋହନ ସରକାର ରେ ଯିଏ ଦୁର୍ନୀତି ଦଣ୍ଡ ପାଇବ ବୋଲି ମମତା କହିଛନ୍ତି।

## ଜେଲ ଗଲେ ଏସଟିଏ ଜଏଂଟ କମିଶନର ପ୍ରଦୀପ

**ଭୁବନେଶ୍ୱର,୮।୩(ମହାଭାରତ):** ପରିବହନ ବିଭାଗର କୋଟିପତି ଜଏଂଟ କମିଶନର ପ୍ରଦୀପ କୁମାର ମହାନ୍ତିଙ୍କ ଘରେ ଭିଜଲାନ୍ସ ରେଡ ଘଟଣାରେ ପ୍ରଦୀପଙ୍କ ସହ ପରିବାରର ଅନ୍ୟ ୩ ଜଣଙ୍କ ନାଁରେ ଭିଜିଲାନ୍ସ ମାମଲା ରୁଜୁ କରିଛି। ଗତକାଲି ତାଙ୍କୁ ଭିଜିଲାନ୍ସ ଗିରଫ କରିଥିବା ବେଳେ ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଭିଜିଲାନ୍ସ ଏସପି ଏଲ. ଦିବ୍ୟା କହିଛନ୍ତି ତଦନ୍ତ ସମୟରେ ପ୍ରଦୀପ ମହାନ୍ତିଙ୍କ ଠାରୁ ପାଖାପାଖି ୧୮ ଲକ୍ଷ ଟଙ୍କାର ନଗଦ କ୍ୟାସ ଓ ୨ କେଜିରୁ ଉର୍ଦ୍ଧ ସୁନା ଅଳଂକାର ଓ ସୁନା ବିସ୍କୁଟ ମିଳିଥିଲା। ଏଥି ସହ ତିନୋଟି ବହୁତଳ ବିଶିଷ୍ଟ କୋଠା, ପୁରୀରେ ଦୁଇଟି ବେନାମୀ ଫ୍ଲାଟ, ବିଭିନ୍ନ ସ୍ଥାନରେ ୧୧ ଟି ପ୍ଲଟ, ୧୪ ଏକର ପରିମିତ ଜାଗାରେ ଫାର୍ମ ହାଉସ ,ଦୁଇଟି ବେନାମୀ ଚାରିଚକିଆ ଥିବା ଜାଣିବାକୁ ପାଇଛି ଭିଜିଲାନ୍ସ । ଏକ ୪ ବିଏଚକେ ଫ୍ଲାଟ ପାଇଁ ଏକ କୋଟି ନଗଦ ଟଙ୍କା ଆଡ଼ଭାନ୍ସ ମଧ୍ୟ ଦେଇଥିଲେ ପ୍ରଦୀପ ମହାନ୍ତି । ଏସବୁ ସମ୍ପତିର ସନ୍ତୋଷଜନକ ଉତର ଦେଇପାରି ନଥିବା କାରଣରୁ ଆଜି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ଏକା ସୁଭଦ୍ରାରେ ଲେଖା ଛିଡ଼ିଛି

**ବ୍ରହ୍ମପୁର,୮।୩(ମହାଭାରତ):** ବ୍ରହ୍ମପୁରରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି_ଦାନ କାର୍ଯ୍ୟକ୍ରମରେ ସାଂସଦ ପ୍ରଦୀପ ପାଣିଗ୍ରାହୀ କହିଛନ୍ତି ଯେ, ୨୪ ବର୍ଷ ଗଲା, ୨୫ ଆସିଛି । ମାଡ଼ କେମିତି ବାଜୁଛି । ଏକା ସୁଭଦ୍ରାରେ ଲେଖା ଛିଡ଼ିଛି । ଏବେ ମୁଖ୍ୟମନ୍ତ୍ରୀଙ୍କୁ ରାତି ୧୨ ଟାରେ ଲୋକ ଦେଖା କରିପାରୁଛନ୍ତି । ମନ୍ତ୍ରୀ ଓ ଅଫିସର ମାନଙ୍କ ସହ ଲୋକ ମାନେ ଭେଟି ଆଲୋଚନା କରିପାରୁଛନ୍ତି । ବିରୋଧୀ ମାନଙ୍କ ଭିତରେ କାହାର ତାପମାତ୍ରା ବଢ଼ିଯାଉଛି, ତ କାହାର କମି ଯାଉଛି । ୨୪ ବର୍ଷ ଧରି ଗଞ୍ଜାମ ଜିଲ୍ଲା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଥିଲା । ଏବେ ବିଜେପିରୁ ୧୧ ବିଧାୟକ ଓ ୨ ସାଂସଦ ଦେଇଛି ଗଞ୍ଜାମ ଜିଲ୍ଲା । ତେଣୁ ମଝିରେ ମଝିରେ ଗଞ୍ଜାମ ଜିଲ୍ଲାକୁ ଆସିବା ସହ ଜିଲ୍ଲାବାସୀଙ୍କ ଆଶା ପୂରଣ କରିବାକୁ ମଂଚ ଉପରୁ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀ ମାନଙ୍କୁ ଅନୁରୋଧ କରିଛନ୍ତି ପ୍ରଦୀପ ପାଣିଗ୍ରାହୀ ।



## ଦୁର୍ଘଟଣାରେ ୨ ମୃତ

**ବଣାଇ,୮।୩(ମହାଭାରତ):** ଲହୁଣିପଡ଼ା ଥାନା ଅ।ମରି ନିକଟରେ ମର୍ମନ୍ତୁତ ଦୁର୍ଘଟଣା। ଅଜଣା ଗାଡ଼ି ଧକ୍କାରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। ଅ।ମରି ନିକଟରେ ଏକ ଅଜଣାଗାଡ଼ି ଭ୍ୟାନକୁ ଧକ୍କା ଦେଇଥିଲା ଏବଂ ଭ୍ୟାନଟି ବ୍ରିଜ୍ରେ ପିଟି ହୋଇଯାଇଥିଲା। ଏହି ଦୁର୍ଘଟଣାରେ ୨ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସେହିପରି ଦୁର୍ଘଟଣାରେ ୨ ଗୁରୁତରଙ୍କୁ ସ୍ଥାନୀୟ ହସପିଟାଲରେ ଚିକିତ୍ସା କରାଯାଇଥିଲା ଏବଂ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଉଦବେଗଜନକ ହେବାରୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

# ବିଜେପି ସରକାରର ନୀତି ମହିଳା ବିରୋଧୀ : ନବୀନ

**ଭୁବନେଶ୍ୱର,୮।୩(ମହାଭାରତ):** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶଙ୍ଖ ଭବନରେ ବିଜେଡି ମହିଳା ଶାଖା ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ରେ ଯୋଗ ଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମହିଳା ବିରୋଧୀ ନୀତି ପାଇଁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ରାଜ୍ୟ ସରକାର ମହିଳା ହିତୈଷୀ ନୁହନ୍ତି କେବଳ ରାଜନୈତିକ ପ୍ରଚାର ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରି ନିଜ ପବ୍ଲିସିଟି କରୁଛନ୍ତି । ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ ଯୋଜନାକୁ ସମାଲୋଚନା କରି ସେ କହିଛନ୍ତି ଯେ, ଦୈନିକ ୨୭ ଟଙ୍କା ଦେଇ ସରକାର ବାହବା ନେବାକୁ ଉଦ୍ୟମ କରୁଛନ୍ତି । ଏହା ସହ ମହିଳାଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିଥିବା ବିଜୁ ପଟ୍ଟନାୟକଙ୍କ ଜନ୍ମଦିନରେ ପାଳିତ ହୋଇ ଆସୁଥିବା ପଂଚାୟତିରାଜ ଦିବସକୁ ବାତିଲ କରି ସରକାର ବିଜୁ ପଟ୍ଟନାୟକଙ୍କ ଅପମାନ କରିଛନ୍ତି ବୋଲି ସେ କହିଛନ୍ତି।

ନବୀନ ନିଜ ଭାଷଣରେ ସେ କହିଥିଲେ ଯେ, ବିଜୁ ବାବୁ ମହିଳାମାନଙ୍କୁ ରାଜନୈତିକ ଶକ୍ତି ସୁନିଶ୍ଚିତ କରିବାକୁ ନିଷ୍ପତି ନେଇଥିଲେ । ପଂଚାୟତ ନିର୍ବାଚନରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ କରିଥିଲେ । ସରକାରୀ ଚାକିରିରେ ମଧ ସେ ସଂରକ୍ଷଣ ଲାଗୁକରିଥିଲେ । କିନ୍ତୁ ଦୁଃଖର କଥା ପଂଚାୟତି ରାଜ ବ୍ୟବସ୍ଥାକୁ ମଜବୁତ କରିଥିବା ବିଜୁବାବୁଙ୍କୁ ଡବଲ ଇଂଜିନ ସରକାର ଅପମାନିତ କରିଛନ୍ତି । ତାଙ୍କ ଜୟନ୍ତୀକୁ ରାଜନୈତିକ ଲକ୍ଷ୍ୟ କରି ପଂଚାୟତିରାଜ ଦିବସ ଭାବେ ପାଳନ କରାଗଲା ନାହିଁ। ସେ କହିଛନ୍ତି ଯେ, ସଂସଦ ଓ ରାଜ୍ୟ ବିଧାନସଭାରେ ମା' ମାନଙ୍କ ପାଇଁ ଏକ ତୃତୀୟାଂଶ ଆସନ ପାଇଁ ବିଜେଡି ଦାବି କରୁଛି । ଡବଲ ଇଂଜିନ ସରକାର ମିଶନ ଶକ୍ତି ଭଳି ଲୋକପ୍ରିୟ କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ଚେଷ୍ଟା କରିଛନ୍ତି । ସ୍ୱଭିମାନୀ ମା' ମାନଙ୍କୁ ମିସଗାଇଡ୍ କରିବାକୁ ଚେଷ୍ଟା କରୁଛନ୍ତି । ପ୍ରଚାର ପାଇଁ ଶହଶହ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ମା ମାନଙ୍କୁ ଦୈନିକ ୨୭ ଟଙ୍କା ଦେଇ ବାହାଦୁରି ନେବାକୁ ଚେଷ୍ଟା କରୁଛନ୍ତି । ଲମ୍ବା ଅବଧିରେ ମା ମାନେ ଏହି ଯୋଜନାରୁ କିଛି ଉପକାର ପାଇବେ ନାହିଁ । ମା' ମାନଙ୍କୁ ରାଜନୈତିକ ଅଧିକାର ଦେବା ବିଜେଡିର ଲକ୍ଷ୍ୟ । ଆପଣ ହେଉଛନ୍ତି ବିଜେଡିର ଆମ୍ଭାସତାର । ଲୋକଙ୍କୁ ସଚେତନ କରନ୍ତୁ ।



# କ୍ରୟ ହେଲାଣି ୭୦ ଲକ୍ଷ ମେଟ୍ରିକ ଟନ ଧାନ

**ଭୁବନେଶ୍ୱର,୮।୩(ମହାଭାରତ):** ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବିଭାଗୀୟ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ, ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶୁଭମ୍ ସକ୍ସେନା ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ବୈଠକ_ାରମ୍ଭରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେ ଉପରେ ଆଲୋକପାତ କରିଥିଲେ । ରାଜ୍ୟରେ ଜାରି ଖରିଫ ଧାନକିଣା ଋତୁରେ ଏ ପର୍ଯ୍ୟନ୍ତ ପ୍ରାୟ ୧୫ ଲକ୍ଷ ୬୫ ହଜାର ଚାଷୀଙ୍କ ଠାରୁ ୭୦ ଲକ୍ଷ ମେଟ୍ରିକ ଟନ ଧାନ କିଣାଯିବା ସହ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ପାଖାପାଖି ୧୫ ହଜାର ୬୧୩ କୋଟି ଟଙ୍କା ଓ ଇନପୁଟ ସହାୟତା ଭାବେ ୫୪୩୦ କୋଟି ଟଙ୍କା ଚାଷୀ ମାନଙ୍କ ଆକାଉଂଟକୁ ପ୍ରଦାନ କରାଯାଇଛି । ଏଥି ସହ ଆସନ୍ତା ରବି ଋତୁରେ ଧାନକିଣା ପ୍ରକ୍ରିୟା ଶୃଙ୍ଖଳିତ ହୋଇପାରିବ ଏ ନେଇ ବିଷଦ ଭାବେ ଆଲୋଚନା ହୋଇଛି । ରବି ଋତୁ ପାଇଁ ଆସନ୍ତା ମଇ ପହିଲାରୁ ଏହି ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥି ନିମନ୍ତେ ଚଳିତ ମାସରୁ ଚାଷୀମାନଙ୍କର ପଞ୍ଜିକରଣ ଆରମ୍ଭ କରାଯିବା ନେଇ ଶ୍ରୀ ସିଂହ ସୂଚନା ଦେଇଥିଲେ । ସେହିଭଳି ଧାନକିଣାରୁ ଉତ୍ପାଦିତ ବଳକା ଚାଉଳକୁ ଭାରତୀୟ ଖାଦ୍ୟ ନିଗମକୁ ପ୍ରଦାନ କରିବା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା ।

ସେହିଭଳି ରାଜ୍ୟରେ ଇ-କେଓ୍ୱାଇସି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ଏ ପର୍ଯ୍ୟନ୍ତ ପ୍ରାୟ ୯୨ ପ୍ରତିଶତ ହିତାଧିକାରୀମାନଙ୍କ ଇ-କେଓ୍ୱାଇସି ପ୍ରକ୍ରିୟା ଶେଷ ହୋଇଛି । ଦୁର୍ବଳ ଇଂଟରନେଟ୍ ଥିବା ଅଂଚଳଗୁଡ଼ିକର ସରକାରୀ ସୁଲଭ ମୂଲ୍ୟ ଦୋକାନରେ ଇଂଟରନେଟ୍ର ସୁବନ୍ଦୋବସ୍ତ କରାଯାଇ ଇ-କେଓ୍ୱାଇସି ପ୍ରକ୍ରିୟା ଜାରି ରହିଛି । ସେଗୁଡ଼ିକ ମଧ୍ୟରୁ ୧୧୧ଟି ସୁଲଭ ମୂଲ୍ୟ ଦୋକାନରେ ଆବଶ୍ୟକୀୟ ଆଂଟିନା ଯୋଗାଇ ଦେଇ ଇ-କେଓ୍ୱାଇସି ପ୍ରକ୍ରିୟା ଜାରି ରହିଛି । ଏ ପର୍ଯ୍ୟନ୍ତ ପ୍ରକ୍ରିୟାରେ ସାମିଲ ହୋଇ ନଥିବା ପ୍ରାୟ ୩୦ ଲକ୍ଷ ୮୪ ହଜାର ହିତାଧିକାରୀଙ୍କ ସଂପର୍କରେ ତଥ୍ୟ ହାସଲ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅଧିକାରୀମାନେ ଘର ଘର ବୁଲି ସେମାନଙ୍କର ତଥ୍ୟ ହାସଲ କରିବେ ।

ଅନ୍ୟ କ୍ଷରେ ରାଜ୍ୟରେ ନିର୍ଦ୍ଦିଷ୍ଟ ୩୦ଟି ସରକାରୀ ସୁଲଭ ମୂଲ୍ୟ ଦୋକାନକୁ ଜନପୋଷଣ କେନ୍ଦ୍ର ଭାବେ ପରୀକ୍ଷାମୂଳକ ଭାବେ ରୂପାନ୍ତରିତ କରାଯାଇ ଏଠାରେ ରାସନ ସାମଗ୍ରୀ ସହ ପୁଷ୍ଟିଯୁକ୍ତ ଉତ୍ପାଦ ପ୍ରଦାନ କରିବାକୁ ପଦକ୍ଷେ ସଂପର୍କରେ ଆଲୋଚନା କରାଯାଇଛି । ଉକ୍ତ କେନ୍ଦ୍ରଗୁଡ଼ିକରେ ଭାରତ ଉତ୍ପାଦ ବ୍ୟତୀତ ଆମ ରାଜ୍ୟର ମିଲେଟ୍ (ମାଣ୍ଡିଆ) ଭଳି ୁଷ୍ଟିଶସ୍ୟ ପ୍ରଦାନକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେ ଗ୍ରହଣ କରାଯିବ । ଏଥି ନିମନ୍ତେ ଏକ ଟିମ୍ ଦେଶର ବିଭିନ୍ନ ରାଜ୍ୟର ଜନପୋଷଣ କେନ୍ଦ୍ରକୁ ପରିଦର୍ଶନରେ ଯାଇ ସେଗୁଡ଼ିକର କାର୍ଯ୍ୟପ୍ରଣାଳୀ ସଂପର୍କରେ ଅବଗତ ହେବେ ।

## ଆମେ ଓଡ଼ିଶାରେ ମିଶି ବଡ଼ ଭୁଲ୍ କରିଦେଲୁ

**ଭୁବନେଶ୍ୱର,୮।୩(ମହାଭାରତ):** ଉତ୍କଳ ଏବଂ କୋଶଳ ପ୍ରସଙ୍ଗ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି ବିଜେପି ବିଧାୟକ ଜୟନାରାୟଣ ମିଶ୍ର। ସମ୍ବଲପୁରରେ ସୁଭଦ୍ରା କାର୍ଯ୍ୟକ୍ରମରେ ଯୋଗଦେଇ ଜୟନାରାୟଣ ଉତ୍କଳ ଏବଂ କୋଶଳ ପ୍ରସଙ୍ଗ ସମ୍ପର୍କରେ କହିଛନ୍ତି ଯେ କୋଶଳ କି କଳିଙ୍ଗର ଜୟଗାନ ହେଉନାହିଁ। ଉତ୍କଳ କହିଲେ କେବଳ କଟକ, ପୁରୀ ଓ ବାଲେଶ୍ୱରକୁ ବୁଝାଉଛି। ଯେତେବେଳେ କି ଓଡ଼ିଶା ରାଜ୍ୟ ଉତ୍କଳ, କୋଶଳ ଏବଂ କଳିଙ୍ଗର ମିଶ୍ରଣ ଦ୍ୱାରା ସୃଷ୍ଟି ହୋଇଥିଲା।

ସେ ଅଭିଯୋଗ କରିଥିଲେ ଯେ କୋଶଳ ଏବଂ କଳିଙ୍ଗ ଭଳି ଅଂଚଳକୁ ଅବହେଳିତ। ଏହା ଏକ ମାନସିକତା,ଆମକୁ ତୁମେ ଶୋଷଣ କରୁଛ। ଓଡ଼ିଶାର ସାଂସ୍କୃତିକ ଏବଂ ରାଜନୈତିକ ଆଲୋଚନାରେ କୋଶଳ ଏବଂ କଳିଙ୍ଗର ପ୍ରତିନିଧିତ୍ୱ ଅଭାବକୁ ନେଇ ମଧ ବରିଷ୍ଠ ବିଜେପି ନେତା ଅସନ୍ତୋଷ ପ୍ରକାଶ କରିଛନ୍ତି। ଆମେ ଓଡ଼ିଶାରେ ମିଶି ବଡ଼ ଭୁଲ୍ କରିଦେଲୁ । କୋଶଳର ଅର୍ଥ, ଖଣି, ପାଣି, ଜଙ୍ଗଲ ଓ ଚାଷକୁ ବ୍ୟବହାର କରୁଥିଲେ ମଧ ଶୋଷଣ କରାଯାଉଛି। ଏପରିକି ଚାକିରି ବାକିରିରେ ମଧ ସମାନ ଅବସ୍ଥା ରହିଛି। ଏପରିକି ସାଂସ୍କୃତିକ ଦିଗରୁ ମଧ ଆମକୁ ଶୋଷଣର ଶିକାର ହେବାକୁ ପଡିଛି। ଅତୀତରେ ଓଡ଼ିଶା ସହିତ ମିଶିବା ଏକ ଐତିହାସିକ ଭୁଲ ଥିଲା। ଏନେଇ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି। ସମ୍ବଲପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପିର ଅନ୍ୟାନ୍ୟ ବିଧାୟକ ମାନେ ମଧ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଉଥିବା ବେଳେ ଉଦଘୋଷିକା ସମସ୍ତଙ୍କୁ ଛିଡା ହେବାକୁ ଅନୁରୋଧ କରିଥିଲେ।



# ପ୍ରତ୍ୟେକ ଝିଅମାନେ ନିର୍ଭୟରେ ସ୍ୱପ୍ନ ଦେଖ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୮।୩(ମହାଭାରତ):** ଅନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ପ୍ରତ୍ୟେକ ଝିଅ ମାନଙ୍କୁ ନିର୍ଭୟରେ ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇଛନ୍ତି । ସମାଜର ସମସ୍ତ ବାଧାବିଘ୍ନକୁ ଭାଙ୍ଗି ଆତ୍ମ ବିଶ୍ୱାସର ସହ ଆଗକୁ ବଢିବାକୁ ପ୍ରେରଣା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, "ଏହା ତୁମର ସମୟ, ତୁମର ମୁହୂର୍ତ୍ତ, ତୁମର ଓଡ଼ିଶା"। ଆଜି ଲୋକସେବା ଭବନ ସ୍ଥିତ କନ୍‌ଭେନ୍‌ସନ୍ ହଲ୍ ରେ ଆୟୋଜିତ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସଶକ୍ତିକରଣର ପ୍ରକୃତ ଅର୍ଥ ମହିଳାମାନଙ୍କୁ କିଛି ଆର୍ଥିକ ସାହାଯ୍ୟ ଦେବା ନୁହେଁ । ଏହାର ପ୍ରକୃତ ଅର୍ଥ ହେଉଛି ପରିବାର ତଥା ସାମାଜିକ ସ୍ତରରେ ନିଷ୍ପତି ନେବାର ଅଧିକାର। ଆମ ସରକାର ସଶକ୍ତିକରଣର ଏହି ବ୍ୟାପକ ଲକ୍ଷ୍ୟ ହାସଲ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମେ ଓଡ଼ିଶାର ଅଧା ଜନସଂଖ୍ୟା ଅର୍ଥାତ ସମଗ୍ର ମହିଳା ସମାଜକୁ ଅର୍ଥନୈତିକ, ସାମାଜିକ ତଥା ରାଜନୈତିକ ସ୍ତରରେ ସଶକ୍ତ କରିବୁ, ଯାହାଦ୍ୱାରା ମହିଳା ମାନେ ସବୁ କ୍ଷେତ୍ରରେ ବ୍ୟକ୍ତିଗତ ଭାବେ ନିଷ୍ପତ୍ତି ନେବାରେ ସମର୍ଥ ହୋଇପାରିବେ ।

ଓଡ଼ିଶାରେ ଏବେ ପରିବର୍ତ୍ତନର ଏକ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜନୈତିକ ପରିବର୍ତ୍ତନ ସହିତ ସମାଜର ସବୁ କ୍ଷେତ୍ରରେ ପରିବର୍ତ୍ତନର ସ୍ରୋତ ବହିବା ଆରମ୍ଭ କରିଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ମହିଳା ସଶକ୍ତିକରଣ ପାଇଁ ଏକ ଐତିହାସିକ ଏବଂ ପଥପ୍ରଦର୍ଶନକାରୀ "ସୁଭଦ୍ରା" ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ପୂର୍ବ ସରକାରଙ୍କୁ ସମାଲୋଚନା କରି କହିଲେ ଯେ, ସେମାନେ କହୁଛନ୍ତି ସୁଭଦ୍ରା ଯୋଜନାରେ ଦିନକୁ ୨୭ ଟଙ୍କା ଦେଇ ବାହାବା ନେଉଛନ୍ତି । ସେମାନେ କହିପାରିବେ କି, ମହିଳାମାନଙ୍କୁ ଆଗକୁ ଆଣିବା ପାଇଁ ୨୪ ବର୍ଷରେ ୨୪ ପଇସା ସେମାନେ ଦେଇଛନ୍ତି କି ? ଆମେ ବର୍ଷକୁ ୧୦ ହଜାର କରି ୫ ବର୍ଷରେ ୫୦ ହଜାର ଟଙ୍କା ଦେବୁ । ସରକାର ଆସିବେ ଯିବେ କିନ୍ତୁ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଆମ ସମସ୍ତଙ୍କୁ ମହିଳାମାନଙ୍କ ପାଇଁ କାମ କରିବାକୁ ପଡ଼ିବ ବୋଲି ସେ କହିଥିଲେ । ମହିଳାଙ୍କ ନେତୃତ୍ୱାଧୀନ ସଶକ୍ତିକରଣ ଲକ୍ଷ୍ୟକୁ ଦୃଷ୍ଟିରେ ରଖି 'କିଶୋରୀ ସୁଭଦ୍ରା', 'ସୁଭଦ୍ରା ସଞ୍ଚୟ', 'ସୁଭଦ୍ରା ସଖୀ', 'ସୁଭଦ୍ରା ଯାତ୍ରୀ', 'ସୁଭଦ୍ରା ସଂଘ (ସୁଭଦ୍ରା କ୍ଲବ), ସୁଭଦ୍ରା' 'କୁହ ସୁଭଦ୍ରା (କଲ୍ ସେଣ୍ଟର)', 'ସୁଭଦ୍ରା ସହଯୋଗୀ', 'ସୁଭଦ୍ରା ପଣ୍ଡିତ' ଓ 'ସୁଯୋଗ୍ୟ ସୁଭଦ୍ରା' ଭଳି ନୂତନ ଯୋଜନା ପାଇଁ ପଦକ୍ଷେପ ଗ୍ରହଣ କରାଯିବ କାହା କଥାରେ ଆମେ ଅଟକି ଯିବୁନାହିଁ ବୋଲି ସେ କହିଥିଲେ ।




ଏହି ଅବସରରେ ମହିଳା ସୁରକ୍ଷା ଏବଂ ସେମାନଙ୍କ ନିରାପତ୍ତା ପ୍ରତି ସରକାରଙ୍କ ପ୍ରୟାସର ନିଦର୍ଶନ ସ୍ୱରୂପ, ମୁଖ୍ୟମନ୍ତ୍ରୀ ରାଜ୍ୟବ୍ୟାପୀ 'ଶକ୍ତି' ଆପ୍ ରୋଲ୍-ଆଉଟ୍ କରିଥିଲେ । ଏହି ଅତ୍ୟାଧୁନିକ ଡିଜିଟାଲ ବ୍ୟବସ୍ଥା ମହିଳାମାନଙ୍କ ପାଇଁ ଦେବଦୂତ ଭାବରେ କାର୍ଯ୍ୟ କରିବ ବୋଲି ସେ କହିଥିଲେ। ଏକ ବଟନ୍ କ୍ଲିକ୍ ରେ ତୁରନ୍ତ ଜରୁରୀକାଳୀନ ସୁରକ୍ଷା ସହାୟତା ପ୍ରଦାନ କରିବ। ଏହି ଆପ୍ ଜରିଆରେ ଓଡ଼ିଶାର ପ୍ରତ୍ୟେକ ମହିଳାଙ୍କ ପାଖରେ ସୁରକ୍ଷାର ଏକ ଢାଲ, ବିପତ୍ତିରେ ଏକ ସାଥୀ, ଏବଂ ସଶକ୍ତିକରଣ ପାଇଁ ଏକ ସାଧନ ହେବ ବୋଲି ସେ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ରଣନୀତିକ କାର୍ଯ୍ୟ ଯୋଜନାର ଶୁଭାରମ୍ଭ କରିଥିଲେ । ୨୦୨୪ରୁ ୨୦୨୯ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ । ବାଲ୍ୟବିବାହ ରୋକିବା ଦିଗରେ ଏହା ସହାୟକ ହେବ ।ଭାରତୀୟ ସଂସ୍କୃତି ଓ ପରମ୍ପରାରେ ନାରୀମାନଙ୍କୁ ଉଚ୍ଚ ସ୍ଥାନ ପ୍ରଦାନ କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ନାରୀ ମାନେ ଏକାଧାରରେ ମାତା, କନ୍ୟା ଓ ଭଗିନୀ ଭାବରେ ନିଜର ଭୂମିକା ନିଭାଇଥାନ୍ତି । ଶାସ୍ତ୍ର ପୁରାଣରେ ନାରୀ ମାନଙ୍କ ମର୍ଯ୍ୟାଦାକୁ ନେଇ ଅନେକ ଶ୍ଲୋକ ରହିଛି । କନ୍ୟା ପୂଜନ ଆମ ଦେଶର ଏକ ପ୍ରାଚୀନ ପରମ୍ପରା । କିନ୍ତୁ କାଳକ୍ରମେ ବିଭିନ୍ନ କୁସଂସ୍କାର ଓ ଭେଦଭାବ ଯୋଗୁ ମହିଳାମାନେ ପୁରୁଷମାନଙ୍କଠାରୁ ପଛରେ ରହିଯାଇଥିଲେ ବୋଲି ସେ କହିଥିଲେ।

ସମାଜର ଏହି ଐତିହାସିକ ଭୁଲକୁ ସୁଧାରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ବର୍ତ୍ତମାନ ସମାଜରେ ମହିଳା ମାନେ ବିଭିନ୍ନ କ୍ଷେତ୍ରରେ ପୁରୁଷ ମାନଙ୍କ ସହିତ କାନ୍ଧରେ କାନ୍ଧ ମିଳାଇ ଦେଶ ଓ ସମାଜ ପ୍ରତି ମୂଲ୍ୟବାନ୍ ଅବଦାନ ରଖୁଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯେତେବେଳେ ଜଣେ ମହିଳା ସଶକ୍ତ ହୁଏ, ସେତେବେଳେ ଗୋଟେ ପିଢି ସଶକ୍ତ ହୁଏ । ସେଥିପାଇଁ ଝିଅ ମାନଙ୍କ ଶିକ୍ଷା ଉପରେ ଗୁରୁତ୍ୱଆରୋପ କରାଯାଉଛି । ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଥିଲେ ଯେ, ମହିଳାଙ୍କ ସମୃଦ୍ଧି ଓ ସଶକ୍ତିକରଣ ପାଇଁ ଆମ ସରକାର ପ୍ରତିବଦ୍ଧ ଅଛନ୍ତି । ସରକାର ବଦଳିଛି, ମହିଳାଙ୍କ ପାଇଁ ଏକ ନୂଆ ଦୁନିଆ ଦେବା ପାଇଁ ଆମେ ସମସ୍ତେ କାର୍ଯ୍ୟରତ ଅଛୁ । ମହିଳାଙ୍କ ସୁରକ୍ଷା ନ ହେଲେ ଅର୍ଥନୈତିକ ଓ ସାମାଜିକ ପ୍ରଗତି ସବୁ ତୁଚ୍ଛ । ସୁଭଦ୍ରା ଯୋଜନାର ସଫଳତା ପାଇଁ ତୃଣମୂଳସ୍ତରରେ କାମ କରିଥିବା ପ୍ରତ୍ୟେକଙ୍କୁ ସେ ଧନ୍ୟବାଦ ଜଣାଇଥିଲେ । ଆଜିର ଦିନ ଆମପାଇଁ ମହିଳାଙ୍କୁ ଏକ ସୁରକ୍ଷିତ ବାତାବରଣରେ ଆଗକୁ ବଢ଼ିବାର ସୁଯୋଗ ଦେବାପାଇଁ ସଂକଳ୍ପର ଦିନ ବୋଲି ସେ କହିଥିଲେ ।

## କଞ୍ଚା ଇଲିସି ମାଛ ବେସର

**ଆବଶ୍ୟକ ସାମଗ୍ରୀ:** ଇଲିସି ମାଛ, କଟା ପିଆଜ, କଟା ଟମାଟୋ, କଞ୍ଚା ଲଙ୍କା, କଟା ରସୁଣ, ଅଦା ଓ ରସୁଣ ପେଷ୍ଟ, ବଟା ସୋରିଷ, ସୋରିଷ ତେଲ, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ ଓ କରି ପାଉଡର।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଇଲିସି ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ତା'ପରେ ସେଥିରେ ଲୁଣ ଓ ହଳଦୀ ପକାଇ ଭଲ ଭାବେ ଗୋଳାଇ ରଖି ଦିଅନ୍ତୁ। କଡ଼େଇରେ ସୋରିଷ ତେଲ ଗରମ କରନ୍ତୁ। ସେଥିରେ କଞ୍ଚା ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ ହେବା ପରେ ଅଦା ଓ ରସୁଣ ପେଷ୍ଟ ଦିଅନ୍ତୁ। ତା'ସହିତ ଛୋଟ ଛୋଟ ଖଣ୍ଡରେ କଟା ହୋଇଥିବା ରସୁଣ ପକାନ୍ତୁ । ଏହା ତରକାରୀର ସ୍ୱାଦକୁ ବଢ଼ାଇଥାଏ। ଟମାଟୋ ଓ କରି ପାଉଡର ପକାଇ ମସଲାକୁ କଷନ୍ତୁ। ମସଲା କଷି ହେବା ପରେ ବଟା ସୋରିଷ ପକାଇ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ। ଏହା ଫୁଟିବା ପରେ କଞ୍ଚା ଇଲିସି ମାଛକୁ ସେଥିରେ ପକାନ୍ତୁ ଓ କଡ଼େଇକୁ ଘୋଡ଼ାଇ ଦିଅନ୍ତୁ। ସ୍ୱାଦ ଅନୁସାରେ ଆପଣ ଏଥିରେ ଲୁଣ ପକାଇ ପାରିବେ। ମାଛ ସିଝିଯିବା ପରେ ସେଥିରେ ଡାଲଚିନି ଗୁଣ୍ଡ, ଧନିଆ ପତ୍ର ପକାନ୍ତୁ ଏବଂ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କଞ୍ଚା ଇଲିସି ମାଛ ବେସର।



ଖବର

# ନାନାଙ୍କ ଉପରେ ତନୁଶ୍ରୀ ଆଣିଥିବା ଅଭିଯୋଗକୁ ଖାରଜ କଲେ କୋର୍ଟ



୨୦୧୮ ମସିହାରେ ବଲିଉଡ ଅଭିନେତ୍ରୀ ତନୁଶ୍ରୀ ଦତ୍ତା, ଅଭିନେତା ନାନା ପାଟେକରଙ୍କ ବିରୋଧରେ ଯୌନ ର୍ନିଯାତନାର ଗମ୍ଭୀର ଅଭିଯୋଗ ଆଣିଥିଲେ। ଏହି ଘଟଣା ପରେ, ମିଟୁ ଅଭିଯାନ ସୋସିଆଲ ମିଡିଆରେ ବହୁତ ଲୋକପ୍ରିୟ ହୋଇଥିଲା। ଏବେ ଏହି ମାମଲାରେ ଏକ ବଡ଼ ନିଷ୍ପତ୍ତି ଆସିଛି। ମିଟୁ ମାମଲାରେ ଅଭିନେତା ନାନା ପାଟେକରଙ୍କୁ କୋର୍ଟ ଆଶ୍ୱସ୍ତି ଦେଇଛନ୍ତି। ଅନ୍ଧେରୀ କୋର୍ଟ ଏହି ରାୟ ଦେଇଛନ୍ତି। ତନୁଶ୍ରୀ ଦତ୍ତା, ନାନା ପାଟେକରଙ୍କ ଉପରେ ଯୌନ ର୍ନିଯାତନାର ଅଭିଯୋଗ ଆଣିଥିଲେ। ହେଲେ ଆଜି ନାନା ପାଟେକରଙ୍କ ବିରୋଧରେ ଦାୟର ଅଭିଯୋଗକୁ କୋର୍ଟ ଖାରଜ କରିଦେଇଛନ୍ତି। ଯୌନ ର୍ନିଯାତନାର ଅଭିଯୋଗକୁ ସାବ୍ୟସ୍ତ କରିବା ପାଇଁ ପର୍ଯ୍ୟାପ୍ତ ପ୍ରମାଣ ନାହିଁ ବୋଲି କୋର୍ଟ କହିଛନ୍ତି। ତେଣୁ, ପ୍ରମାଣ ଅଭାବରୁ ତନୁଶ୍ରୀ ଦତ୍ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗକୁ ଖାରଜ କରାଯାଇଛି। ଉଲ୍ଲେଖଯୋଗ୍ୟ, ତନୁଶ୍ରୀ ଅଭିଯୋଗ କରିଥିଲେ ଯେ, ନାନା ପାଟେକର ଫିଲ୍ମ 'ହର୍ଣ୍ଣ ଓକେ ପ୍ଲିଜ୍' ସେଟରେ ମୋ ସହିତ ଅସଦାଚରଣ କରିଥିଲେ। ଫିଲ୍ମର ଏକ ସ୍ୱତନ୍ତ୍ର ନୃତ୍ୟ ସମୟରେ ନାନା ମୋ ସହ ଯୌନ ଅସଦାଚରଣ କରିଥିଲେ। ନାନାଙ୍କୁ କୋରିଓଗ୍ରାଫର ଗଣେଶ ଆଚାର୍ଯ୍ୟ ମଧ୍ୟ ସମର୍ଥନ କରୁଥିଲେ। ମୁଁ ଏନେଇ ପ୍ରଯୋଜକଙ୍କ ଆଗରେ ଅଭିଯୋଗ କରିଥିଲେ ବି କେହି ମୋ କଥା ଶୁଣିନଥିଲେ। ଷ୍ଟୁଡିଓ ବାହାରେ ମୋ ଉପରେ ଆକ୍ରମଣ ହୋଇଥିଲା। ପୁଲିସ ପାଇଁ ମୁଁ ବଞ୍ଚିପାରିଥିଲି।

## ଈଶ୍ୱରଙ୍କ ଅନୁଭବ



ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ଈଶ୍ୱରଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ରହିଥିଲା । ସେ ମନରେ ପ୍ରଭୁଙ୍କର ଏକ ଚିତ୍ର ଆଙ୍କିଦେଇଥିଲେ । ଦିନେ ସେହି ବ୍ୟକ୍ତିଜଣକ ଡାକିଲେ, ହେ ଈଶ୍ୱର ମୋ ସହ କଥା ହୁଅନ୍ତୁ । ଏହି ସମୟରେ ଏକ ପକ୍ଷୀ ରାବ କଲା । କିନ୍ତୁ ସେ ଶୁଣିପାରିଲେ ନାହିଁ । ସେ ପୁଣି ଥରେ ଜୋର୍‌ରେ ଈଶ୍ୱରଙ୍କୁ ଡାକିଲେ । ଏହି ସମୟରେ ଆକାଶରେ କିଛି ବାଦଲ ଗର୍ଜିଲା । ସେ ବ୍ୟକ୍ତିଜଣଙ୍କ ଚାରି ଆଡ଼କୁ ଚାହିଁଲେ ଏବଂ କହିଲେ, ଭଗବାନ ଦୟାକରି ମୋ ସମ୍ମୁଖକୁ ଆସନ୍ତୁ । ସେ ଏତକ କହିବା କ୍ଷଣି ଆକାଶରୁ ବାଦଲ ହଟିଗଲା ଏବଂ ସୂର୍ଯ୍ୟ ଚମକିବାକୁ ଲାଗିଲେ । ଶେଷରେ ସେହି ବ୍ୟକ୍ତିଜଣକ ଖୁବ୍ ଜୋରରେ ଚିଲ୍ଲାଇ କହିଲେ ଭଗବାନ ମୋତେ କୌଣସି ଚମତ୍କାର ଦେଖାନ୍ତୁ । ଏହି ସମୟରେ ଏକ ଶିଶୁ ଜନ୍ମ ନେଲା ଏବଂ ତା'ର ପ୍ରଥମ ରୋଦନ ବ୍ୟକ୍ତିଜଣଙ୍କୁ ଶୁଣାଗଲା । କିନ୍ତୁ ସେ ସେଥିପ୍ରତି ଧ୍ୟାନ ଦେଲେ ନାହିଁ । ଏବେ ସେହି ବ୍ୟକ୍ତିଜଣଙ୍କ କାନ୍ଦିବାକୁ ଲାଗିଲେ ଏବଂ ଭଗବାନଙ୍କୁ ପ୍ରାର୍ଥନା କରି କହିଲେ- ହେ ଭଗବାନ ମୋତେ ଥରେ ଛୁଇଁ ଦିଅନ୍ତୁ, ଯାହାଦ୍ୱାରା ମୁଁ ଜାଣିପାରିବି ଯେ ଆପଣ ମୋ ପାଖରେ ଅଛନ୍ତି ବୋଲି । ତାଙ୍କ କଥା ନସରୁଣୁ ପ୍ରଜାପତିଟିଏ ଆସି ତାଙ୍କ ହାତରେ ବସିଗଲା । କିନ୍ତୁ ବ୍ୟକ୍ତିଜଣକ ସେହି ପ୍ରଜାପତିକୁ ଉଡ଼ାଇ ଦେଲେ ଏବଂ ଉଦାସ ମନରେ ଆଗକୁ ଚାଲିଲେ । ଭଗବାନ ଏତେ ରୂପରେ ସେହି ବ୍ୟକ୍ତି ଜଣଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କଲେ । କିନ୍ତୁ ସେ ଈଶ୍ୱରଙ୍କୁ ଚିହ୍ନି ପାରିଲେ ନାହିଁ । କାରଣ ତାଙ୍କ ମନରେ ଈଶ୍ୱରଙ୍କ ଅନୁଭବ ନଥିଲା । ଈଶ୍ୱର ପ୍ରତ୍ୟେକ ସ୍ଥାନରେ ରହିଛନ୍ତି । ସେ ଭିନ୍ନ ଭିନ୍ନ ରୂପରେ ଆମ ନିକଟକୁ ଆସିଥାନ୍ତି । ଆମେ କେବଳ ତାଙ୍କୁ ଚିହ୍ନି ପାରିବା ଆବଶ୍ୟକ

# ଭାଇରାଲ ଜ୍ୱରରେ ଅବହେଳା ବିପଦଜନକ



ଭାଇରାଲ ଜ୍ୱରରେ କୌଣସି ପ୍ରକାରର ଅବହେଳା ପୀଡ଼ିତଙ୍କ ନିମନ୍ତେ ବିପଦଜନକ ସାବ୍ୟସ୍ତ ହୋଇପାରେ। ଭାଇରାଲ ଜ୍ୱର ଯଦି ୩ ଦିନରେ ନିୟନ୍ତ୍ରିତ ନ ହେଲା ତେବେ ତୁରନ୍ତ ଡେଙ୍ଗୁ, ଚିକେନଗୁନିଆ ଯାଞ୍ଚ କରାଇ ଚିକିତ୍ସାର ବ୍ୟବସ୍ଥା କରନ୍ତୁ। ଏହାକୁ ଅଣଦେଖା କଲେ ଜ୍ୱରରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଜୀବନ ଉପରକୁ ବିପଦ ଘନେଇପାରେ ବୋଲି ବିଶେଷଜ୍ଞ ସତର୍କ କରିଛନ୍ତି। ବର୍ତ୍ତମାନ ସମୟରେ ହସ୍ପିଟାଲ ପହଞ୍ଚୁଥିବା ପ୍ରାୟ ୨୫ ପ୍ରତିଶତ ରୋଗୀ ଭାଇରାଲ ଜ୍ୱରରେ ଆକ୍ରାନ୍ତ। ବଦଳୁଥିବା ପାଣିପାଗ ଏପରି ଜ୍ୱର ବ୍ୟାପିବାର ମୁଖ୍ୟ କାରଣ କୁହାଯାଉଛି।ଏହି ଜ୍ୱାରରୁ ଶିଶୁ, କିଶୋର ଓ ବୟସ୍କ ଲୋକେ ମଧ୍ୟ ବାଦେ ପଡୁ ନାହାନ୍ତି। ଏହା ଆଡୁଆଳରେ ଡେଙ୍ଗୁ ଓ ଚିକନ ଗୁନିଆ ହେବାର ବିପଦ ରହୁଛି। ଏଣୁ ଜ୍ୱରରେ ଚିକିତ୍ସା ପାଇଁ ପହଞ୍ଚୁଥିବା ଲୋକଙ୍କ ମଧ୍ୟରୁ ୧୫ ପ୍ରତିଶତ ଭାଇରାଲରେ ଆକ୍ରାନ୍ତ ରହୁଥିବା ଜଣାପଡିଛି। ଏପରି ଲୋକଙ୍କ ସ୍ୱତନ୍ତ୍ର ଚିକିତ୍ସା ସହିତ ଦେଖରେଖର ମଧ୍ୟ ଆବଶ୍ୟକତା ରହୁଛି। ଯଦି ଘରେ କାହାରିକୁ ଭାଇରାଲ ଜ୍ୱର ହେଉଛି ତେବେ ତାଙ୍କ ପିଇବା ପାଣି ସିଝାଇ ଥଣ୍ଡାକରି ପିଇବାକୁ ଦିଅନ୍ତୁ। ଡାକ୍ତରଙ୍କ ପରାମର୍ଶ ମୁତାବକ ର୍ନିଦ୍ଧାରିତ ସମୟରେ ଔଷଧ ଖଆନ୍ତୁ। ଏହା ବାଦେ ଯଦି ଜ୍ୱର ୩ ଦିନ ମଧ୍ୟରେ ନ ଛାଡୁଛି ତେବେ ପୁଣି ଡାକ୍ତରଙ୍କ ପରାମର୍ଶ କରି ଆବଶ୍ୟକ ପରୀକ୍ଷା ନିରୀକ୍ଷା କରନ୍ତୁ।ଭାଇରାଲ ଜ୍ୱର ଗୋଟିଏ ଗୋଟିଏ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଆକ୍ରାନ୍ତ କରୁଛି। ଏଥିରେ ଶିଶୁ ଓ ବୟଷ୍କ ଲୋକେ ବିଶେଷ ପ୍ରଭାବିତ ହେଉଛନ୍ତି। ଏଣୁ ଔଷଧ ଦୋକାନରେ ଲକ୍ଷଣ କହି ଔଷଧ ଆଣି ଚିକିତ୍ସା କରାଇବା ବଦଳେ ଜ୍ୱାରରେ ପୀଡ଼ିତଙ୍କୁ ହସ୍ପିଟାଲ ନେଇ ଡାକ୍ତର ଦେଖାଇ ତାଙ୍କ ପରାମର୍ଶ ମୁତାବକ ଦେଖରେଖ ଓ ଚିକିତ୍ସା କରନ୍ତୁ।ଏଥିରେ ଯଦି କାହାରିଠାରେ ଡେଙ୍ଗୁ କି ଚିକନଗୁନିଆ ପରୀକ୍ଷଣରେ ଆସୁଛି ତେବେ ବିଳମ୍ବ ନ କରି ତୁରନ୍ତ ଉପଚାର ବ୍ୟବସ୍ଥା କରନ୍ତୁ।ଭାଇରାଲ ଜ୍ୱରରେ ଆକ୍ରାନ୍ତ ଲୋକଙ୍କୁ ଖାଦ୍ୟରେ ଡାଲି ଓ ସବୁଜ ପନିପରିବା ପ୍ରସ୍ତୁତ ତରକାରୀ ଖାଇବାକୁ ଦିଅନ୍ତୁ। ରୋଗୀଙ୍କୁ ମସାରୀ ମଧ୍ୟରେ ରଖିବାକୁ ଚେଷ୍ଟା କରନ୍ତୁ୍ୟ ୩ରୁ ୪ ଦିନ ମଧ୍ୟରେ ଯଦି ଜ୍ୱର ଉପସମ ନ ହେଲା ତେବେ ନିଶ୍ଚିତ ଡାକ୍ତରଙ୍କ ପରାମର୍ଶରେ ଯାଞ୍ଚ କରି ଯାଞ୍ଚ□ ରିପୋର୍ଟ ଅନୁସାରେ ଚିକିତ୍ସା କରାନ୍ତୁ। ଜ୍ୱରକୁ ଅବହେଳା କରନ୍ତୁ ନାହିଁ।

# ବିଳମ୍ବିତ ରାତିରେ ଖାଉଛନ୍ତି କି? ହୋଇଯାଆନ୍ତୁ ସାବଧାନ





ଅନେକ ଲୋକେ ନିଜର ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ରାତିରେ ଶୀଘ୍ର ଖାଇ ପାରନ୍ତି ନାହିଁ। ସେମାନଙ୍କୁ ବିଳମ୍ବିତ ରାତିରେ ଖାଦ୍ୟ ଖାଇବାକୁ ପଡିଥାଏ। ତେବେ ଡେରିରେ ରାତ୍ରୀ ଭୋଜନ କରିବା ଶରୀର ଓଜନ ବୃଦ୍ଧି କରିବା ସହିତ ହୃଦୟ ପାଇଁ ମଧ୍ୟ ବିପଦ ଡାକି ଆଣିପାରେ। ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ବିଭିନ୍ନ ଖରାପ ପ୍ରଭାବ ପଡିଥାଏ। ଲେଟ୍ ନାଇଟ୍ ଭୋଜନ କଲେ କ'ଣ ସବୁ ସମସ୍ୟା ଉପୁଜେ ଆସନ୍ତୁ ଜାଣିବା। ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ କମିବା ବଦଳରେ ବିବାକୁ ଲାଗିବ। ଓଜନ ବୃଦ୍ଧି ହେବା ଫରେ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ। ସେଥିପାଇଁ ରାତ୍ରୀ ଭୋଜନ ସବୁବେଳେ ଠିକ୍ ସମୟରେ ଖାଇବା ଉଚିତ ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ଠିକ୍ ସମୟରେ ରାତ୍ରୀ ଭୋଜନ ଆରମ୍ଭ କରନ୍ତୁ। ବିଳମ୍ବିତ ରାତିରେ ଖାଇବା ଆପଣଙ୍କ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସାଂଘାତିକ ହୋଇପାରେ। ଅନେକ ଗବେଷଣା ଅନୁଯାୟୀ, ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡିପାରେ। ଏହା ଆପଣଙ୍କ ଏକାଗ୍ରତା ଏବଂ ସ୍ମରଣ ଶକ୍ତି କ୍ଷମତାକୁ ପ୍ରଭାବିତ କରିଥାଏ। ଏଥିପାଇଁ ଡାକ୍ତରମାନେ ରାତି ୭ଟାରୁ ୯ଟା ଭିତରେ ଖାଇବା ପାଇଁ ପରାମର୍ଶ ଦେଇଥା'ନ୍ତି। ଯଦି ଆପଣଙ୍କ ଲେଟ୍ ନାଇଟରେ ଖାଇବା ପରେ ତୁରନ୍ତ ଶୋଇବା ଅଭ୍ୟାସ ଅଛି ତେବେ ସାବଧାନ ହୋଇ ଯାଆନ୍ତୁ। ଏପରି କରିବା ଦ୍ୱାରା ଛାତିରେ ଯନ୍ତ୍ରଣା, ଅମ୍ଳପିତ ଏବଂ ପେଟ ଜନିତ ସମସ୍ୟା ଆଦି ଦେଖା ଦେଇପାରେ। ରାତିରେ ଜଙ୍କ ଫୁଡ୍ ଖାଇବା ଠାରୁ ଦୂରେଇ ରହିବା ଉଚିତ ଲେଟ୍ ନାଇଟରେ ଜଙ୍କ ଫୁଡ୍ ଖାଇବା ଦ୍ୱାରା ମେଦବହୁଳତା ସମସ୍ୟା ସୃଷ୍ଟି ହୋଇପାରେ। ଏଥିପାଇଁ ଆପଣ ନିଜ ଦୈନନ୍ଦିନ ରାତ୍ରି ଭୋଜନରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରିବା ଉଚିତ। ଏଥିସହ ଆପଣ ଚାହିଁଲେ ଖାଇବା ପରେ ବାଦାମ କିମ୍ବା ଆପଲ ମଧ୍ୟ ଖାଇପାରିବେ।

## ଘରେ ଲାଗିଥିବା ବୁଢିଆଣି ଜାଲକୁ ସଫା କରନ୍ତୁ

ଘରକୁ ସୁନ୍ଦର ରଖିବା ପାଇଁ ଏହାର ପରିଷ୍କାର ପରିଚ୍ଛନ୍ନତା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଯଦି ଘରେ ବୁଢିଆଣି ଜାଲ ଲାଗିଥାଏ ତେବେ ତାହାକୁ ତୁରନ୍ତ ସଫା କରିବା ଉଚିତ। ବାସ୍ତୁ ଅନୁସାରେ ଏହାକୁ ଅଶୁଭ ବୋଲି ବିବେଚନା କରାଯାଏ। ଏହା ଘରେ ନକାରାତ୍ମକ ଶକ୍ତି ଆଣିଥାଏ। ଏଥି ସହିତ, ଅନେକ ସମସ୍ୟାର ସାମ୍ନା କରିବାକୁ ମଧ୍ୟ ପଡିଥାଏ ,ଯେପରିକି



୧. ଘରକୁ ଭଲ ଭାବରେ ସଫା କରିବା ଅତ୍ୟନ୍ତ ଜରୁରୀ। ଏହା ଦ୍ୱାରା ଦେବୀ ଲକ୍ଷ୍ମୀଙ୍କର ଆଶୀର୍ବାଦ ରହିଥାଏ। ଏପରି ଘରେ, ଯେଉଁଠାରେ ମଇଳା ଏବଂ ବୁଢିଆଣି ଜାଲ ରହଥାଏ ସେଠାରେ ଟଙ୍କା ରହେ ନାହିଁ। ଏହା ସହିତ ଅର୍ଥ ସମ୍ବନ୍ଧୀୟ ସମସ୍ୟାର ସାମ୍ନା ସୃଷ୍ଟି କରିଥାଏ।

୨. ଯେଉଁ ଘରର କାନ୍ଥ ଏବଂ ଛାତଗୁଡିକରେ ବୁଢିଆଣି ଜାଲ ରହିଥାଏ ସେଠାରେ ନକାରାତ୍ମକ ଶକ୍ତି ବଢିଥାଏ । ଏହା ବ୍ୟତୀତ ଘରର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଖରାପ ପ୍ରଭାବ ପକାଇଥାଏ ।

୩. ଅନେକ ଦିନ ଧରି ଘରେ ବୁଢିଆଣି ଜାଲ ରହିବା ଅତ୍ୟନ୍ତ ଅଶୁଭ ବୋଲି ବିବେଚନା କରାଯାଏ । ଏହା ଘରର ସଦସ୍ୟମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିଥାଏ ।

୪. ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଯେଉଁ ଘରେ ବୁଢିଆଣି ଜାଲ ଦେଖାଯାଏ ସେହି ଘରେ ସବୁବେଳେ ସଙ୍କଟ ଘେରି ରହିଥାଏ । ସେହି ଘରର ସଦସ୍ୟମାନଙ୍କୁ ସର୍ବଦା କୌଣସି ନା କୌଣସି ଅସୁବିଧାର ସମ୍ମୁଖୀନ ହୋବାକୁ ପଡିଥାଏ । ଏହା ସହିତ, ବାରମ୍ବାର ବିଫଳତା ମଧ୍ୟ ହାସଲ ହୋଇଥାଏ।

୫. ଯେତେବେଳେ ବି ଘରେ ବୁଢିଆଣି ଜାଲ ହୋଇଥାଏ ଏହାକୁ ତୁରନ୍ତ ସଫା କରିବା ଉଚିତ। ନଚେତ ବିଫଳତା ସହିତ ଦୁର୍ଭାଗ୍ୟ ଏବଂ ଅର୍ଥର ଅଭାବ ସୃଷ୍ଟି କରିଥାଏ।

### ଏସ୍‌ଏଲ୍‌ବିସି ବୈଠକରେ ଉନ୍ନୟନ କମିଶନରଙ୍କ ପରାମର୍ଶ

# ଚଳିତ ଆର୍ଥିକ ବର୍ଷ କ୍ରେଡିଟ୍ ପ୍ଲାନ ଶତ ପ୍ରତିଶତ ହାସଲ କର




**ଭୁବନେଶ୍ୱର,୮।୩ (ମହାଭାରତ):** ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨.୧୧ ଲକ୍ଷ କୋଟି ଟଙ୍କାର ବାର୍ଷିକ କ୍ରେଡିଟ୍ ପ୍ଲାନ୍‌ର ଲକ୍ଷ୍ୟ ଶତକଡା ଶହେ ଭାଗ ହାସଲ କରିବାକୁ ରାଜ୍ୟ ଉନ୍ନୟନ କମିଶନର ଅନୁଗର୍ଗ ବ୍ୟାଙ୍କର ମାନଙ୍କୁ ପରାମର୍ଶ ଦେଇଛନ୍ତି।

ଆଜି ରାଜ୍ୟ ସଚିବାଳୟ ଠାରେ ଅନୁଷ୍ଠିତ ଏସ୍‌ଏଲ୍‌ବିସି ବୈଠକରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ମହିଳା ଅନୁସୂଚିତ ଜାତି, ଜନଜାତି ଏବଂ ଦୁର୍ବଳ ବର୍ଗ ସମେତ ସମାଜର ସମସ୍ତ ବର୍ଗକୁ ଋଣ ପ୍ରଦାନରେ ଆଞ୍ଚଳିକ ଅସନ୍ତୁଳନକୁ ହ୍ରାସ କରିବା ଆବଶ୍ୟକ। ଶ୍ରୀମତୀ ଗର୍ଗ ପିଏମ୍ ସ୍ୱାନିଧି ଯୋଜନା ରେ ଅଧିକ ଋଣ ପ୍ରଦାନ କରିବାକୁ ସେ ପରାମର୍ଶ ଦେଇଥିଲେ। ବ୍ୟାଙ୍କମାନଙ୍କୁ ନୂତନ ଭାବରେ ଆରମ୍ଭ ହୋଇଥିବା ଶୀତଳ ଭଣ୍ଡାରପାଇଁ ଆର୍ଥିକ ସହାୟତା ଯୋଜନାକୁ ସମର୍ଥନ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଯାହାର ଲକ୍ଷ୍ୟ ହେଉଛି ଅମଳ ପରବର୍ତ୍ତୀ କ୍ଷତିକୁ କମ କରିବା ଏବଂ କୃଷକଙ୍କ ଦ୍ୱାରା ଅଭବୀ ବିକ୍ରୟକୁ ରୋକିବା। ଶ୍ରୀମତୀ ଅନୁ ଗର୍ଗ ରାଜ୍ୟର କ୍ରେଡିଟ୍-ଜିଏସଡିପି ଅନୁପାତକୁ ଉନ୍ନତ କରିବା ପାଇଁ ସମସ୍ତ ବ୍ୟାଙ୍କକୁ ଅଧିକ ଋଣ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଶ୍ରୀମତୀ ଗର୍ଗ, ନାବାର୍ଡ ଦ୍ୱାରା କରାଯାଇଥିବା ଆକଳନ ଅନୁଯାୟୀ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୨.୫୨ ଲକ୍ଷ କୋଟି ଟଙ୍କାର ଉଚ୍ଚ ଲକ୍ଷ୍ୟ ଘୋଷଣା କରିଥିଲେ।

ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭି.ଏନ. କାମ୍ବଲେ ୩୧ ଡିସେମ୍ବର ସୁଦ୍ଧା ବାର୍ଷିକ କ୍ରେଡିଟ୍ ପ୍ଲାନ୍ (ଏସିପି) ଲକ୍ଷ୍ୟର ୬୮.୯୫% ଏବଂ ପିଏମ୍‌ଜେଜେବିୱାଇ, ପିଏମ୍‌ଏସ୍‌ବି ଏବଂ ପିଏମ୍‌ଜେଡିୱାଇ ଭଳି ସମସ୍ତ ସାମାଜିକ ସୁରକ୍ଷା ଯୋଜନାରେ ୧୦୦% ଲକ୍ଷ୍ୟ ହାସଲ କରିଥିବା ଯୋଗୁ ବ୍ୟାଙ୍କମାନଙ୍କୁ ପ୍ରଶଂସା କରିଥିଲେ। ସେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୦୦% ଏସିପି (୨.୧୧ ଲକ୍ଷ କୋଟି ଟଙ୍କା) ଲକ୍ଷ୍ୟହାସଲ କରିବା ପାଇଁ ମିଳିତ ପ୍ରୟାସ କରିବାକୁ ବ୍ୟାଙ୍କଗୁଡ଼ିକୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ-ବିଶ୍ୱକର୍ମା ଯୋଜନାରେ ବ୍ୟାଙ୍କମାନଙ୍କ ଖରାପ ପ୍ରଦର୍ଶନ, ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ପାଇଁ ଆବେଦନର ସଂଖ୍ୟା ହ୍ରାସ ଏବଂ ଗୃହ ନିର୍ମାଣ କ୍ଷେତ୍ରରେ ପଞ୍ଜିକରଣ ସମସ୍ୟା ସମ୍ପର୍କରେ ସେ ନିଜର ଚିନ୍ତା ପ୍ରକଟ କରିଥିଲେ। ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ଏସ.ପି. ମହାନ୍ତି ତାଙ୍କ ଭାଷଣରେ ଓଡ଼ିଶାରେ ଉଚ୍ଚ ମୁଦ୍ରାସ୍ଫୀତି, ଜାତୀୟ ସ୍ତର ତୁଳନାରେ ରାଜ୍ୟରେ କମ ଋଣ ଅଭିବୃଦ୍ଧି ହାର ଏବଂ ସାରାରାଜ୍ୟରେ ଆର୍ଥିକ ସ୍ୱାକ୍ଷରତା ଏବଂ ସାଇବର ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଆରବିଆଇ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପିଏମ୍‌ଇଜିପି, ପିଏମ୍‌ଏଫଏମ୍‌ଇ, ପିଏମ୍‌ଏମ୍‌ୱାଇ ଷ୍ଟାଣ୍ଡ ଅପ୍ ଇଣ୍ଡିଆ। ଭଳି ସରକାରୀ ଯୋଜନାରେ ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଗୃହ ଏବଂ ଶିକ୍ଷା କ୍ଷେତ୍ରରେ ଋଣ ପ୍ରଦାନ ଯାଞ୍ଚ କରିବା ପାଇଁ ଏକ ପୃଥକ କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ। କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନସଚିବ ଡକ୍ଟର ଅରବିନ୍ଦ କୁମାର ପାଢୀ ନୂତନ ଭାବରେ ଆରମ୍ଭ ହୋଇଥିବା ଶୀତଳ ଭଣ୍ଡାର କୁ ଆର୍ଥିକ ସହାୟତା ଯୋଜନା ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ। ସରକାର ରାଜ୍ୟର ସମସ୍ତ ଜିଲ୍ଲା ପାଇଁ ସ୍କେଲ ଅଫ ଫାଇନାନ୍ସ ରଖିଛନ୍ତି। ରାଜ୍ୟର କୃଷି-ଉଦ୍ୟୋଗୀମାନଙ୍କୁ ସହାୟତା କରିବା ପାଇଁ ଉଦ୍ଦିଷ୍ଟ ଯୋଜନାରେ ବ୍ୟାଙ୍କମାନଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ।

# ଚାମ୍ବର ଅଫ୍ କମର୍ସ ସମୃଦ୍ଧ ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ



**ଭୁବନେଶ୍ୱର,୮।୩ (ମହାଭାରତ):** ଆର୍ଥିକ ବିକାଶ ପ୍ରତି ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିଜ ଲିଃ ଓ ଭାଇଜାଗପଟମ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜର ପ୍ରତିବଦ୍ଧତା ଉଭୟ ରାଜ୍ୟର ସମୃଦ୍ଧ ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଆଜି ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ଲିଃ ଓ ଭାଇଜାଗପଟମ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜର ପ୍ରତିନିଧିମଣ୍ଡଳୀ ରାଜଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ ଏବଂ ପ୍ରତିନିଧିମଣ୍ଡଳୀଙ୍କ ସହ ଆଲୋଚନା ଅବସରରେ ରାଜ୍ୟପାଳ ଏହା କହିଛନ୍ତି। ଏହି ଆଲୋଚନା ବେଳେ ଉଭୟ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜର ପ୍ରତିନିଧିମାନେ ସେମାନଙ୍କ ମଧ୍ୟରେ ସମନ୍ୱୟ, ସହଯୋଗ, ସହଭାଗିତା ମାଧ୍ୟମରେ ନିଆଯାଉଥିବା ପଦକ୍ଷପ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଉଭୟ ଚାମ୍ବର ଅଫ୍ କମର୍ସ ଇଣ୍ଡଷ୍ଟ୍ରି ଲିଡର୍, ନୀତି ନିର୍ଦ୍ଧାରକ ଏବଂ ଉଦ୍ୟୋଗୀମାନଙ୍କୁ ଏକାଠି କରି ଉଭୟ ରାଜ୍ୟର ବିକାଶ ପାଇଁ ପଦକ୍ଷେପ ନେଉଥିବାରୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ଉଦ୍ୟୋଗ, ସ୍ଥାୟୀ ଶିଳ୍ପ ଏବଂ ରପ୍ତାନୀ ଭିତିକ ଅଭିବୃଦ୍ଧିକୁ ପୋତ୍ସାହନ ଯୋଗାଇବା ଯାତ୍ରାରେ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏହା ଫଳରେ ପାରସ୍ପରିକ ସହଯୋଗ ମାଧ୍ୟମରେ ଲଜିଷ୍ଟିକସ୍, ଦକ୍ଷତା ବିକାଶ, ନବୀକରଣୀୟ ଶକ୍ତି ଏବଂ ପ୍ରଯୁକ୍ତି ବିଦ୍ୟାଚାଳିତ ଶିଳ୍ପ ଭଳି କ୍ଷେତ୍ରରେ ନୂତନ ରାସ୍ତା ଖୋଲିବ। ଏହି ସମ୍ଭାବନାକୁ ଉପଯୋଗ କରି ଉଭୟ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ସଂଯୋଗୀକରଣକୁ ସୁଦୃଢ଼ କରିବା, ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ପ୍ରୋତ୍ସାହିତ କରିବା, ନବସୃଜନକୁ ଆପଣେଇ ଉଭୟ ରାଜ୍ୟର ଅଭିବୃଦ୍ଧି ଓ ବିକାଶକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ରାଜ୍ୟପାଳ କହିଥିଲେ ଯେ ବାଣିଜ୍ୟ ବ୍ୟବସାୟ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଆଂଚଳିକ ସହଯୋଗର ମେରୁଦଣ୍ଡ ସଦୃଶ। ଭୌଗଳିକ ଦୃଷ୍ଟିରୁ ଆନ୍ଧ୍ର ପ୍ରଦେଶ ଓଡ଼ିଶାର କେବଳ ପଡ଼ୋଶୀ ରାଜ୍ୟ ନୁହେଁ, ବରଂ ଦୃଢ଼ ସାଂସ୍କୃତିକ, ଅର୍ଥନୈତିକ ଏବଂ ଶିଳ୍ପ ସଂପର୍କର ଅଂଶୀଦାର ଅଟେ। ଉଭୟ ଚାମ୍ବର ଅଫ୍ କମର୍ସ ମଧ୍ୟରେ ଏପରି ସମନ୍ୱୟ, ସହଯୋଗ ଓ ଆଲୋଚନା ସୁଯୋଗର ଅନୁସନ୍ଧାନ, ନିବେଶକୁ ପ୍ରୋତ୍ସାହନ ଏବଂ ପାରସ୍ପରିକ ସମୃଦ୍ଧି ଓ ବାଣିଜ୍ୟିକ ସଂପର୍କ ବୃଦ୍ଧି କରିବା ଦିଗରେ ଏକ ପ୍ଲାଟଫର୍ମ ସୃଷ୍ଟି କରିଛି। ଓଡ଼ିଶା ଏହାର ବିପୁଳ ପ୍ରାକୃତିକ ସଂପଦ, ପ୍ରଗତିଶୀଳ ଶିଳ୍ପନୀତି, ଦ୍ରୁତ ଗତିରେ ବଢୁଥିବା ଭିତିଭୂମି ସହିତ, ଖଣି, ଧାତୁ ଏବଂ ଉତ୍ପାଦନଠାରୁ ଆରମ୍ଭ କରି ପର୍ଯ୍ୟଟନ, ଆଇ.ଟି. ଓ ଷ୍ଟାର୍ଟଅପ୍ ପର୍ଯ୍ୟ' ଅପାର ସମ୍ଭାବନା ସୃଷ୍ଟି କରିଛି।

# ସୁଭଦ୍ରା ଯୋଜନା ସଫଳ : ଧର୍ମେନ୍ଦ୍ର

**ଭୁବନେଶ୍ୱର,୮।୩ (ମହାଭାରତ):** ମାଆ। ଭଉଣୀମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା 'ସୁଭଦ୍ରା ଯୋଜନା'ରେ ହିତାଧିକାରୀଙ୍କ ସଂଖ୍ୟା ୧ କୋଟିରୁ ଅଧିକ ହେବା ଅବସରରେ ଖୁସି ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ 'ଏକ୍ସ'ରେ ସୁଭଦ୍ରା ଯୋଜନା ସମ୍ପର୍କୀତ ଏକ ଭିଡ଼ିଓ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାରେ କ୍ରିୟାନ୍ୱୟନ ହୋଇଥିବା ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ୧ କୋଟିରୁ ଉର୍ଦ୍ଧ୍ୱ ହୋଇଛି। ଆମର ମାଆ। ଭଉଣୀମାନଙ୍କୁ ସଶକ୍ତ, ସ୍ୱାବଲମ୍ବୀ ଓ ଆତ୍ମନିର୍ଭର କରିବା ଦିଗରେ ଏହି ଯୋଜନାର ସଫଳ ରୂପାୟନ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଧନ୍ୟବାଦ।

ଓଡ଼ିଶାର ନାରୀଶକ୍ତିର ଅଭ୍ୟୁଥାନ ବଳରେ ହିଁ ଓଡ଼ିଆ। ଅସ୍ମିତାର ଶ୍ରୀବୃଦ୍ଧି ସମ୍ଭବ। ସୁଭଦ୍ରା ଯୋଜନା ପ୍ରଧାନମନ୍ତ୍ରୀଙ୍କ ଯୁଗାନ୍ତକାରୀ ଯୋଜନାର ଏକ ପରିକଳ୍ପନା। ଆଜି ଭିଡ଼ିଓ କନଫରେନ୍ସ ଜରିଆରେ 'ସୁଭଦ୍ରା ଯୋଜନା'ର ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟରେ ୨ ଲକ୍ଷ ୩୦ ହଜାରରୁ ଉର୍ଦ୍ଧ୍ୱ ମା'ଭଉଣୀଙ୍କୁ ୧୧୫ କୋଟି ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଏହି ଯୋଜନାରେ ଆଜି ସୁଦ୍ଧା ୧ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ୫,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ଯୋଜନାରେ ଆମର ମାତୃଶକ୍ତିମାନେ ଦୁଇଟି କିସ୍ତିରେ ବାର୍ଷିକ ୧୦ ହଜାର ଟଙ୍କା ହିସାବରେ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ୫୦ ହଜାର ଟଙ୍କା ପାଇବେ। ସୁଭଦ୍ରା ଯୋଜନା ଆମର ମାଆ। ଭଉଣୀମାନଙ୍କ ମନୋବଳ ବୃଦ୍ଧି କରିବା ସହ ନାରୀ ସଶକ୍ତିକରଣର ବଡ଼ ପ୍ରତୀକ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଖୋର୍ଦ୍ଧା ଜିଲ୍ଲାରେ ସୁଭଦ୍ରା ଯୋଜନା ଦ୍ୱିତୀୟ କିସ୍ତି ପ୍ରଦାନ

**ଖୋର୍ଦ୍ଧା,୮।୩ (ମହାଭାରତ):** ଆଜି ଖୋର୍ଦ୍ଧା ର ସ୍କିଲ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନା ର ଦ୍ୱିତୀୟ କିସ୍ତି ପ୍ରଦାନ ସମ୍ବନ୍ଧରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଦ୍ୱାରା ଅନୁଷ୍ଠିତ ହୋଇଯାଇ ଅଛି। ଏହି କାର୍ଯ୍ୟ କ୍ରମ ଅବସର ରେ ଜିଲ୍ଲା ର ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ଏହା ସହିତ ଜିଲ୍ଲା ମୂଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟାୟକଙ୍କ, ଖୋର୍ଦ୍ଧ ତହସିଲଦାର, ଜଟଣୀ ବିଡ଼ିଓ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ କାର୍ଯ୍ୟ କ୍ରମ ରେ ସୁଭଦ୍ରା ଯୋଜନା ସମ୍ପର୍କରେ ଉପସ୍ଥିତ ସମସ୍ତ ଙ୍କୁ ଅବଗତ କରାଇ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଖୋର୍ଦ୍ଧା ଜିଲ୍ଲା ର ସମସ୍ତ ସୁଭଦ୍ରା ହିତାଧିକାରୀ ଙ୍କ ସମ୍ପର୍କ ରେ ସମ୍ପୁର୍ଣ୍ଣ ପରିସଂଖ୍ୟାନ ପ୍ରଦାନ କରିବା ସହ ମହିଳା ସଶକ୍ତି କରଣ ଏବଂ ମହିଳା ମାନଙ୍କ ବିଭିନ୍ନ କ୍ଷେତ୍ରରେ ଯୋଗଦାନ, ଆର୍ଥିକ ଉନ୍ନତି କରଣ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟ କ୍ରମ ରେ ବ୍ରହ୍ମପୁର ଠାରେ ଅନୁଷ୍ଠିତ ହୋଇଥିବା ସୁଭଦ୍ରା ର ଦ୍ୱିତୀୟ କିସ୍ତି ପ୍ରଦାନ ର ଲାଇଭ ଷ୍ଟ୍ରିମିଙ୍ଗ କରାଯାଇ ମହିଳା ମାନଙ୍କୁ ଆତ୍ମ ନିର୍ଭର କରିବା ନିମନ୍ତେ ପ୍ରେରିତ କରାଗଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ସାମଜ କଲ୍ୟାଣ ଅଧିକାରୀ ଶ୍ରୀମତି ସୁଷମା ମହାନ୍ତି ପରିଚଳନା କରିଥିଲେ।

# ବିଏମ୍‌ସି ୧୨୬ ମହିଳା ଆରୋଗ୍ୟ ସମିତି ପୁରସ୍କୃତ

**ଭୁବନେଶ୍ୱର,୮।୩ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ୟୁନିଟ୍-୪ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଏମ୍ ସି ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, କର୍ପୋରେଟର ଅଲିଅଲି ମଲିକ ,ଅତିରିକ୍ତ ନିର୍ଦ୍ଦେଶକ ସହରାଂଚଳ ସ୍ୱାସ୍ଥ୍ୟ ଡାକ୍ତର ପୁଷ୍ପିତା ମହାନ୍ତି, ମୁଖ୍ୟ ମହାନଗର ନିଗମ ଚିକିତ୍ସା ଅଧିକାରୀ ଡାକ୍ତର ସିଦ୍ଧାର୍ଥ ଶଙ୍କର ରାୟ, ଅଧିକ୍ଷକ ୟୁନିଟ୍-୪ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସୁବ୍ରତ ନାୟକ, ଅର୍ବାନ ପବ୍ଲିକ ହେଲଥ ଅଫିସର ଡାକ୍ତର ଶ୍ୟାମା ନାୟକ, ବରିଷ୍ଠ ପରାମର୍ଶଦାତା ଡାକ୍ତର ସୁଶାନ୍ତ ନାୟକ, ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍ ପରିଚାଳିକା ଏଲିନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଗୋଷ୍ଠୀ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ ତଥା ସୁଦୃଢ଼ କରିବା ପାଇଁ ଗଠନ ହୋଇଥିବା ମହିଳା ଆରୋଗ୍ୟ ସମିତିର ଆଜି ଥିଲା ସମ୍ମିଳନୀ । ଏଥିରେ ମହାନଗର ଅଂଚଳର ୪ ଶହରୁ ଅଧିକ ମହିଳା ଆରୋଗ୍ୟ ସମିତି ସଦସ୍ୟା ଯୋଗଦେଇଥିଲେ । ୫୦ରୁ ୧୦୦ ପରିବାର ବା ୫ ଶହ ଜନ ସଂଖ୍ୟାକୁ ନେଇ ଏକ ମହିଳା ଆରୋଗ୍ୟ ସମିତି ଗଠନ କରାଯାଇଥାଏ । ଏହି ସମିତିରେ ୧୧ରୁ ୧୫ ଜଣ ସଦସ୍ୟା ରହିଥାନ୍ତି । ଏଥିରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଅଙ୍ଗନୱାଡି କର୍ମୀ ପ୍ରମୁଖ ସଦସ୍ୟା ଭାବେ ରହୁଥିବାବେଳେ ଆଶାକର୍ମୀ ଏହାର ସଂପାଦିକା ଭାବେ କାର୍ଯ୍ୟକରିଥାନ୍ତି । ଗୋଷ୍ଠୀ ମଧ୍ୟରେ ସଚେତନତା ଓ ସରକାରୀ ସ୍ୱାସ୍ଥ୍ୟ ସେବାର ଚାହିଦାକୁ ବଢାଇବା ପାଇଁ ମହିଳା ଆରୋଗ୍ୟ ସମିତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଥାଏ । ମୁଖ୍ୟତଃ ବସ୍ତି ଅଂଚଳରେ ପରିମଳ, ସ୍ୱାସ୍ଥ୍ୟ, ଟିକାକରଣ ଏବଂ ମାଆ ଓ ଶିଶୁ ସ୍ୱାସ୍ଥ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏହି ସମିତି ସଦସ୍ୟାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।

ବିଭିନ୍ନ ମାନାଙ୍କକୁ ନେଇ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୨୬ଗୋଟି ମହିଳା ଆରୋଗ୍ୟ ସମିତିକୁ ପୁରସ୍କୃତ କରାଯାଇଛି । ମେୟର ସେମାନଙ୍କୁ ମାନପତ୍ର ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ ।ମହାନଗର ନିଗମ ଅଂଚଳରେ ବସବାସ କରୁଥିବା ସବୁ ବର୍ଗର ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାକୁ ଆରୋଗ୍ୟ ସମିତି ସଦସ୍ୟାମାନେ ଉଦ୍ୟମ କରନ୍ତୁ । ସ୍ୱାସ୍ଥ୍ୟ ସେବା ପାଇଁ ଯେପରି କାହାରି ଜୀବନ ହାନୀ ନ ହେଉ, ସେଥିପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି ମେୟର । ଗୋଷ୍ଠୀ ସ୍ୱାସ୍ଥ୍ୟ ରକ୍ଷାକୁ ସେ ଗୁରୁତ୍ୱ ଦେଇଛନ୍ତି।

ବିନା ପାରିଶ୍ରମିକରେ ମହିଳା ସଦସ୍ୟାମାନେ ଲୋକମାନଙ୍କୁ ସ୍ୱେଚ୍ଛାକୃତ ଭାବେ ଲୋକମାନଙ୍କ ଯୋଗାଇଦେଉଥିବାରୁ ଉଚ୍ଚ ପ୍ରସଂଶା କରିଥିଲେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ। ଏହି ସ୍ୱେଚ୍ଛାକୃତ ସେବାର ପାରିଶ୍ରମିକ କେହି ଦେଇପାରିବେ ନାହିଁ।

# ସୁଭଦ୍ରା ହିତାଧିକାରୀ ଦୀପ ଜାଳିବାକୁ ପ୍ରଭାତୀଙ୍କ ଆହ୍ୱାନ



**ଭୁବନେଶ୍ୱର,୮।୩ (ମହାଭାରତ):** ମହିଳାଙ୍କ ସଶକ୍ତିକରଣ ପାଇଁ ଆସନ୍ତା କାଲି ୭ ତାରିଖ ସନ୍ଧ୍ୟାରେ 'ସୁଭଦ୍ରା ସହାୟତା' ପାଇଥିବା ହିତାଧିକାରୀମାନେ ମା'ସୁଭଦ୍ରାଙ୍କ ଆଶୀର୍ବାଦ ପାଇଁ ଗୋଟିଏ ଗୋଟିଏ ଦୀପ ଜାଳିବା ପାଇଁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିବେଦନ କରିଛନ୍ତି। ଗୁରୁବାର ସୁଭଦ୍ରା ହିତାଧିକାରୀଙ୍କ ସଂଖ୍ୟା ୧ କୋଟି ପାର କରିବା ଅବସରରେ ଉପ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ଗୋଟିଏ ସୁଭଦ୍ରା, ଗୋଟିଏ ଦୀପ ପାଇଁ ଆହ୍ୱାନ ଦେଇଛନ୍ତି।

ଏକ୍ସରେ ଶ୍ରୀମତୀ ପରିଡା ଲେଖିଛନ୍ତି ମା'ସୁଭଦ୍ରାଙ୍କ ଆଶୀର୍ବାଦରୁ ସରକାରକୁ ଆସିବାର ମାତ୍ର ୯ ମାସ ମଧ୍ୟରେ ମହିଳା ସଶକ୍ତିକରଣ ପାଇଁ ଜନ କଲ୍ୟାଣକାରୀ ଯୋଜନା 'ସୁଭଦ୍ରା'କୁ ସଫଳତାର ସହ କୋଟିଏ ମହିଳାଙ୍କ ନିକଟରେ ପହଞ୍ଚାଇବା ଆମ ପାଇଁ ଏକ ଗୌରବର ବିଷୟ ଏବଂ ଆମ ପ୍ରତିବଦ୍ଧତାର ପରିଚୟ। ଆଜି ସୁଦ୍ଧା ୧କୋଟିରୁ ଉର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀ ଉପକୃତ ହୋଇଛନ୍ତି ଏବଂ ୨ଲକ୍ଷ ୩୦ ହଜାରରୁ ଉର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୫ମ ପର୍ଯ୍ୟାୟରେ ୧୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି କ୍ଷ ଏବଂ ମାର୍ଚ୍ଚ ୮ ତାରିଖରେ ୨ୟ କିସ୍ତି ପ୍ରଦାନ କରାଯିବ।

ଖୁବ କମ ସମୟ ମଧ୍ୟରେ ବିନା କୌଣସି ଦ୍ୱିଧାରେ ସଫଳତାର ସହ 'ସୁଭଦ୍ରା'କୁ ଘରେ ଘରେ ପହଞ୍ଚାଇବା ପାଇଁ ମା' ସୁଭଦ୍ରା ଆମକୁ ଯେଉଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିଛନ୍ତି ସେଥି ନିମନ୍ତେ ଆମ ପରିବାରର ମଙ୍ଗଳ ପାଇଁ, ଆମ ସମାଜ, ଆମ ରାଜ୍ୟ ଏବଂ ମହିଳାଙ୍କ ସଶକ୍ତିକରଣ ପାଇଁ ଆସନ୍ତା କାଲି ୭ ତାରିଖ ସନ୍ଧ୍ୟାରେ 'ସୁଭଦ୍ରା ସହାୟତା' ପାଇଥିବା ହିତାଧିକାରୀମାନେ ମା'ସୁଭଦ୍ରାଙ୍କ ଆଶୀର୍ବାଦ ପାଇଁ ଗୋଟିଏ ଗୋଟିଏ ଦୀପ ଜାଳିବା ପାଇଁ ଅନୁରୋଧ। 'ସୁଭଦ୍ରା' ଆହୁରି ଆଗକୁ ଯାଉ, କେବଳ ସହାୟତା ରାଶି ନୁହେଁ ବରଂ ମହିଳାଙ୍କୁ ଟ୍ରେନିଂ ଦେବା, ସ୍କିଲ ବଢାଇବା ଏବଂ ତାଙ୍କ ନିର୍ମିତ ଉତ୍ପାଦର ବିକ୍ରି ପାଇଁ ବଜାର ବ୍ୟବସ୍ଥା କରିବା ସହ ପ୍ରତି ଗ୍ରାମରେ ଲକ୍ଷପତି ଦିଦି ସୃଷ୍ଟି କରି ମହିଳାଙ୍କୁ ସାମାଜିକ ଓ ଅର୍ଥନୈତିକ ସ୍ତରରେ ସଶକ୍ତ କରିବା ଏବଂ ଓଡ଼ିଶାର ଅର୍ଥନୀତିକୁ ମହିଳା କୈନ୍ଦ୍ରିକ ଅର୍ଥନୀତିରେ ପରିଣତ କରିବା ପାଇଁ ମା'ସୁଭଦ୍ରା ଆମକୁ ଆଶୀର୍ବାଦ କରନ୍ତୁ।

# ଠକେଇ ଅଭିଯୋଗରେ ମହିଳା ଗିରଫ

**କଟକ,୮।୩ (ମହାଭାରତ):** ଓଡ଼ିଶା ପୁଲିସର କ୍ରାଇମବ୍ରାଞ୍ଚ ସାଇବର ୟୁନିଟ୍ ୮୭ ଲକ୍ଷ ଟଙ୍କାର ଅନଲାଇନ୍ ନିବେଶ ଠକେଇ ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ଜଣକ ଦକ୍ଷିଣ ଦିଲ୍ଲୀର ବନ୍ଦନା ବାୱା ବୋଲି ଚିହ୍ନଟ କରାଯାଇଛି।

କ୍ରାଇମବ୍ରାଞ୍ଚ ସୂଚନା ଅନୁଯାୟୀ, ଭୁବନେଶ୍ୱରର ଶୈଳଶ୍ରୀ ବିହାରରୁ ଜଣେ ଅଭିଯୋଗକାରୀଙ୍କ ଲିଖିତ ରିପୋର୍ଟ ଆଧାରରେ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଧାରା ୬୬(ସି)/୬୬(ଡି) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା। ତଦନ୍ତରୁ ଜଣାପଡିଛି ଯେ, ଏକ ଘରୋଇ ସଂସ୍ଥାର କର୍ମଚାରୀଙ୍କୁ ୧୦୧ ଷ୍ଟକ୍ ଆଲୋଚନା ଗୋଷ୍ଠୀ ନାମକ ଏକ ଅଜଣା ହ୍ୱାଟ୍ସଆପ୍ ଗ୍ରୁପରେ ଯୋଡା ଯାଇଥିଲା, ଯାହାର ନେତୃତ୍ୱ ଜଣେ ବ୍ୟକ୍ତି ନେଉଥିଲେ। ସେ ନିଜକୁ ପ୍ରଫେସର ଭାବରେ ପରିଚୟ ଦେଉଥିଲେ। ଠକମାନେ ଷ୍ଟକ୍ ଟ୍ରେଡିଂ ଟିପ୍ସ, ଆଇପିଓ ମାର୍ଗଦର୍ଶନ ଏବଂ ନିବେଶ ରଣନୀତି ପ୍ରଦାନ କରିବା ବାହାନାରେ, ପୀଡିତଙ୍କୁ ଦୁଇଟି ସେୟାର ୱେବ୍ ଲିଙ୍କରେ ପଞ୍ଜିକରଣ କରିବାକୁ କହି ତାଙ୍କର ନିବେଶ ଟଙ୍କା ହେରଫେର କରିଥିଲେ। ଠକ ଧୀରେ ଧୀରେ ତାଙ୍କର ବିଶ୍ୱାସ ହାସଲ କଲେ ଏବଂ ତାଙ୍କୁ ବିଭିନ୍ନ ତାରିଖରେ ଅନେକ କାରବାର ମାଧ୍ୟମରେ ଇଣ୍ଡସଇଣ୍ଡ ବ୍ୟାଙ୍କ, ପିଏନବି ଏବଂ ଅନ୍ୟାନ୍ୟ ବ୍ୟାଙ୍କରେ ଥିବା ଠକମାନଙ୍କ ବିଭିନ୍ନ ଆକାଉଣ୍ଟରେ ପ୍ରାୟ ୮୭ ଲକ୍ଷ ଟଙ୍କା ଜମା କରିବାକୁ ପ୍ରବର୍ତ୍ତାଇଥିଲେ। ସେମାନଙ୍କ ଠକାମିର ଶିକାର ହୋଇ, ପୀଡିତ ବ୍ୟକ୍ତି ତାଙ୍କ କଠିନ ପରିଶ୍ରମର ଟଙ୍କାକୁ ଏକ ବୈଧ ନିବେଶ ସୁଯୋଗ ବୋଲି ବିଶ୍ୱାସ କରି ସ୍ଥାନାନ୍ତର କରିଥିଲେ। ମାମଲାର ବର୍ତ୍ତମାନ ତଦନ୍ତ କରାଯାଉଛି। ଅତିରିକ୍ତ ଏସପି ରିତେଶ କୁମାର ମହାପାତ୍ରଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳ, କାରବାର ବିବରଣୀ ବିଶ୍ଳେଷଣ କରିବା ପରେ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ପ୍ରମାଣ ଉପରେ କାର୍ଯ୍ୟ କରିବା ପରେ, ନୂଆଦିଲ୍ଲୀରେ ଡେରା ପକାଇଥିଲେ ଏବଂ ସ୍ଥାନୀୟ ଅଞ୍ଚଳରେ ବିବରଣୀ ଯାଞ୍ଚ କରିବା ପରେ, ଦକ୍ଷିଣ ଦିଲ୍ଲୀର ବନ୍ଦନା ବାୱା ନାମକ ଅପରାଧୀକୁ ସଫଳତାର ସହ ଚିହ୍ନଟ କରି ଗିରଫ କରିଛନ୍ତି। ବନ୍ଦନାଙ୍କୁ ନୂଆଦିଲ୍ଲୀର ସାକେତସ୍ଥିତ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା ଏବଂ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଉଛି। ତଦନ୍ତକାରୀ ଦଳ ଏକ ମୋବାଇଲ୍ ଫୋନ୍, ୨ଟି ଭାରତୀୟ ସିମ୍ କାର୍ଡ, ଗୋଟିଏ ଆଧାର କାର୍ଡ ଏବଂ ଏକ ପ୍ୟାନ୍ କାର୍ଡ ସମେତ ବିଭିନ୍ନ ଅପରାଧିକ ସାମଗ୍ରୀ ଜବତ କରିଛି। ଏହି ମାମଲାରେ ୧୦ ଜଣ ଠକଙ୍କ ଅନେକ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇ, ଅଭିଯୋଗକାରୀଙ୍କର ୧୦ ଲକ୍ଷ ଟଙ୍କା ଫେରାଇ ଦିଆଯାଇଛି।

## ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ ଗ୍ରୁପ୍ 'ବି' ପଦବୀ ପରୀକ୍ଷା ସ୍ଥଗିତ

**ଭୁବନେଶ୍ୱର,୮।୩ (ମହାଭାରତ):** ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଗ୍ରୁପ୍ 'ବି'ପଦବୀ ପାଇଁ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖିଛି। ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଗ୍ରୁପ୍ 'ବି'ପଦବୀ ପାଇଁ ଆଗାମୀ ପରୀକ୍ଷାକୁ ସ୍ଥଗିତ ରଖିଛି, ଯାହା ପ୍ରଥମେ ମାର୍ଚ୍ଚ ୮ ଏବଂ ୯ ରେ ହେବାକୁ ଥିଲା। ଓପିଆରବି କହିଛି ଯେ, ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପରୀକ୍ଷା ସ୍ଥଗିତ ରଖାଯାଇଛି। ଦୁଇ ଦିନରେ ୪ ଭିନ୍ନ ଭିନ୍ନ ନିଯୁକ୍ତି ପରୀକ୍ଷାକୁ ନେଇ ଓଡ଼ିଶାରେ ଆଶାୟୀମାନଙ୍କ ମଧ୍ୟରେ ହତାଶ ବୃଦ୍ଧି ପାଇଥିଲା। କାରଣ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ପରୀକ୍ଷା ମାର୍ଚ୍ଚ ୮ ଏବଂ ମାର୍ଚ୍ଚ ୯ ଦୁଇଦିନରେ ପଡୁଛି। କାର୍ଯ୍ୟସୂଚୀ ବିଶୃଙ୍ଖଳାର ପ୍ରତିବାଦରେ ଷ୍ଟୁଡେଣ୍ଟସ୍ ଏଗେନ୍‌ଷ୍ଟ କରପସନ୍ (ଏସଏସି) ସଂଗଠନ ଏନେଇ ରାସ୍ତାକୁ ଓହ୍ଲାଇଥିଲେ। ଦୁଇଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା, ଏସ୍‌ବିଆଇ ପିଓ ପ୍ରିଲିମ୍ସ ଏବଂ ଓଡ଼ିଶା ପୁଲିସ ଏସଆଇ ପ୍ରିଲିମ୍ସ, ୮ ମାର୍ଚ୍ଚ ୨୦୨୫ରେ ହେବାକୁ ସ୍ଥିର କରାଯାଇଥିଲା। ଏହା ସହିତ, ଓପିଏସସି ସହକାରୀ କୃଷି ଅଧିକାରୀ (ଏଏଓ) ପରୀକ୍ଷା ଏବଂ ରେଳ ସୁରକ୍ଷା ବଳ (ଆରପିଏଫ) କନଷ୍ଟେବଳ ପରୀକ୍ଷା ଉଭୟ ୯ ମାର୍ଚ୍ଚ ୨୦୨୫ରେ ହେବାକୁ ସ୍ଥିର କରାଯାଇଥିଲା।

# ପାର୍କିନ୍‌ସନ୍ ସମସ୍ୟା ନେଇ ସଫଳ ମସ୍ତିଷ୍କ ଅସ୍ତ୍ରୋପଚାର

**ଭୁବନେଶ୍ୱର,୮।୩ (ମହାଭାରତ):** ସୋଆ ପରିଚାଳିତ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ସ୍ନାୟୁ ଜନିତ ବ୍ୟାଧି ପାର୍କିନ୍‌ସନ୍‌ସ ଡିଜିଜ ସମସ୍ୟାରେ ଦୀର୍ଘ ବର୍ଷ ଧରି ପୀଡ଼ିତ ଥିବା ଜଣେ ୩୬ ବର୍ଷୀୟା ମହିଳାଙ୍କର ଡିପ୍ ବ୍ରେନ୍ ଷ୍ଟିମୁଲେସନ୍ (ଡିବିଏସ୍) ମାଧ୍ୟମରେ ସଫଳ ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଛି।

ଏହି ଅସ୍ତ୍ରୋପଚାର ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିବା ନିମନ୍ତେ ଗତ ମଙ୍ଗଳବାର ସମ ହସ୍ପିଟାଲ୍‌ରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ସୂଚନା ଦେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ତଥା ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର କହିଥିଲେ ଯେ ଏହି ସମସ୍ୟା ମସ୍ତିଷ୍କରେ ସଂକ୍ରମଣ ଓ ରକ୍ତପ୍ରବାହରେ ସମସ୍ୟା ଯୋଗୁଁ ଉପୁଜିଥାଏ। ଏପରିକି ପ୍ରଦୁଷଣ ମଧ୍ୟ ଏହି ରୋଗର ଅନ୍ୟ ଏକ ପ୍ରମୁଖ କାରଣ ହୋଇପାରେ। ଏହି ରୋଗରେ ହାତ ଓ ଗୋଡ ଥରିଥାଏ, ପାଟିରୁ ଲାଳ ମଧ୍ୟ ବୋହିଥାଏ। ମଣିଷ ଦୈନନ୍ଦିନ କାର୍ଯ୍ୟ କରିବାରେ ଅକ୍ଷମ ହୋଇପଡ଼େ।

ପୂର୍ବରୁ ଏହି ସମସ୍ୟାକୁ କେବଳ ଔଷଧ ମାଧ୍ୟମରେ ଚିକିତ୍ସା କରାଯାଉଥିବା ବେଳେ ଏବେ ଅସ୍ତ୍ରୋପଚାର ମାଧ୍ୟମରେ ଏହାର ଚିକିତ୍ସା କରାଯାଉଥିବା ପ୍ରଫେସର ମହାପାତ୍ର କହିଥିଲେ।

ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର କହିଥିଲେ ଯେ ଏହି ଡିପ୍ ବ୍ରେନ୍ ଷ୍ଟିମୁଲେସନ୍ ସର୍ଜରୀ ଓଡ଼ିଶାରେ ପ୍ରଥମ ଥର ପାଇଁ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ କରାଯାଇଛି। ଅସ୍ତ୍ରୋପଚାର ପରେ ରୋଗୀ ଜଣକ ସୁସ୍ଥ ଥିବା ସେ କହିଛନ୍ତି।

ମହିଳା ଜଣକ ଦୀର୍ଘ ବର୍ଷ ଧରି ପାର୍କିନ୍‌ସନ୍‌ସ ବ୍ୟାଧିରେ ପୀଡ଼ିତ ଥିବା ବେଳେ ତାଙ୍କ ସମସ୍ୟା ଗଭୀର ହେବାକୁ ଲାଗିବାରୁ ତାଙ୍କର ମସ୍ତିଷ୍କରେ ଡିପ୍ ବ୍ରେନ୍ ଷ୍ଟିମୁଲେସନ୍ (ଡିବିଏସ୍) ଅସ୍ତ୍ରୋପଚାର କରାଯାଇ ତାଙ୍କ ଜୀବନ ଶୈଳୀକୁ ସରଳ କରାଯିବାର ପ୍ରଚେଷ୍ଟା କରାଯାଇଛି ବୋଲି କହିଛନ୍ତି ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ତଥା ସମ୍ ହସ୍ପିଟାଲ୍‌ର ନ୍ୟୁରୋ ମେଡିସିନ୍ ବିଭାଗର ପ୍ରଫେସର (ଡାକ୍ତର) ଲୁଲୁପ୍ କୁମାର ସାହୁ। ରୋଗ ସମ୍ପର୍କରେ ଅଧିକ ସୂଚନା ଦେଇ ପାର୍କିନ୍‌ସନ୍‌ସ ଡିଜିଜ୍ ଆଣ୍ଡ ମୁଭ୍‌ମେଂଟ ଡିଜ୍‌ଅର୍ଡର ବିଶେଷଜ୍ଞ ପ୍ରଫେସର (ଡାକ୍ତର) ସାହୁ କହିଛନ୍ତି ଯେ ଏହି ସମସ୍ୟା ୪ ଓ ୫ ବର୍ଷ ରୁ ଅଧିକ ସମୟ ରହିଲେ ଔଷଧ ଆଉ କାମ କରି ନଥାଏ। ତେଣୁ ଅସ୍ତ୍ରୋପଚାର କରିବାକୁ ପଡ଼ିଥାଏ। ପ୍ରାୟତଃ ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହି ସମସ୍ୟା ଦେଖାଦେଉଥିବା ବେଳେ ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ଏହି ସମସ୍ୟା ପରିଲକ୍ଷିତ ହେଉଛି ବୋଲି ପ୍ରଫେସର (ଡାକ୍ତର) ସାହୁ କହିଛନ୍ତି।

# ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତି ଭାଙ୍ଗି ଦୋଷ ଲଦୁଛି ବିଜେଡି



**ଭୁବନେଶ୍ୱର,୮।୩ (ମହାଭାରତ):** ରାଜନୈତିକ ଉଦ୍ଦେଶ୍ୟ ରଖି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତିକୁ ବିଜେଡ଼ି ନିଜେ ଭାଙ୍ଗି ଅନ୍ୟକୁ ଦୋଷ ଦେବା ଅତ୍ୟନ୍ତ ଲଜ୍ୟା ଜନକ। ଏହା ବିରୁଦ୍ଧରେ ଆଜି ଭୁବନେଶ୍ୱର ବିମାନ ବନ୍ଦର ନିକଟ ବିଜୁ ବାବୁଙ୍କ ପ୍ରତିମୂର୍ତି ତଳେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଦ୍ୱିତୀୟ ଜନନେତା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଦୁଃସାହସୀ ପାଇଲଟ୍, ସୁପ୍ରସିଦ୍ଧ ଉଦ୍ୟୋଗୀ ତଥା ଶିଳ୍ପପତି, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ନେଇ ରାଜନୀତି ଆରମ୍ଭ କରି ଦେଇଛି ବିଜୁ ଜନତା ଦଳ। ନିଜ କର୍ମୀଙ୍କ ଦ୍ୱାରା ବିଜୁ ବାବୁଙ୍କ ପ୍ରତିମୂର୍ତି ଭାଙ୍ଗିଛନ୍ତି ନବୀନ ବାବୁ। ଏପରି ସାଂଘାତିକ ଅଭିଯୋଗ ଆଣିଛି ଭୁବନେଶ୍ୱର ବିଜେପି ଯୁବମୋର୍ଚ୍ଚା।

କାର୍ଯ୍ୟକ୍ରମରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସ୍ୱୟଂ ସେବକ ରାୟ, ବିଜେପି ବରିଷ୍ଠ ନେତା ହିମାଂଶୁ ଛୋଟରାୟ, ସୁରୀୟକାନ୍ତ ସାହୁ, ରାମ ଚନ୍ଦ୍ର ରଣସିଂହ, ମନୋଜ ପାତ୍ର, ତାପସ ଦଳାଇ, ସୁନିଲ ପ୍ରଧାନ, ମନୋଜ ପଶ୍ଚିମକବାଟ,ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।





# ଓଡ଼ିଆଙ୍କୁ ଗୁରୁତ୍ୱ

ଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ରେ ଆଉ ଜଣେ ଓଡ଼ିଆଙ୍କୁ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ସେ ହେଲେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ। ପି କେ ମିଶ୍ରଙ୍କ ସହ ସେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ-୨ ଭାବେ କାର୍ଯ୍ୟକରିବେ। ଅର୍ଥାତ ଭାରତର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏବେ ଦୁଇ ଜଣ ଓଡ଼ିଆ ଦାୟିତ୍ୱ ସମ୍ଭାଳିବେ। ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏବଂ ବୈଠକର ରୂପରେଖ ସେମାନେ ପ୍ରସ୍ତୁତ କରିବେ। ଏହା କିଛି କମ କଥା ନୁହେଁ। ଉଭୟ ପିକେ ମିଶ୍ର ଏବଂ ଶକ୍ତିକାନ୍ତ ଦାସ ପ୍ରଧାନମନ୍ତ୍ରୀଙ୍କର ଅତ୍ୟନ୍ତ ବିଶ୍ୱସ୍ତ। ଏହା ଅର୍ଥ ନୁହେଁ ଯେ, ସେମାନେ ପ୍ରଧାନମନ୍ତ୍ରୀଙ୍କୁ ହାଁଜୀ ହାଁଜୀ କରି ଏହି ପଦ ପାଇଛନ୍ତି। ନିଜ ଦକ୍ଷତା ଏବଂ ନିଷ୍ଠା ବଳରେ ସେମାନେ ଏହି ପଦକୁ ଯାଇଛନ୍ତି। ୧୯୮୦ ବ୍ୟାଚର ତାମିଲନାଡୁ କ୍ୟାଡର ଆଇଏଏସ ଶକ୍ତିକାନ୍ତ ଦାସ ନିଜ ଚାକିରୀକାଳ ଭିତରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ସଫଳତା ହାସଲ କରିଛନ୍ତି। ୨୦୧୮ରେ ତତ୍କାଳୀନ ଆରବିଆଇ ଗଭର୍ଣ୍ଣର ଉର୍ଜିତ ପଟେଲ ତାଙ୍କ ପଦରୁ ଇସ୍ତଫା ଦେବା ପରେ ଶକ୍ତିକାନ୍ତଙ୍କୁ କେନ୍ଦ୍ର ସରକାର ଏହି ପଦରେ ନିଯୁକ୍ତି ପ୍ରଦାନ କରିଥିଲେ। ନିୟମ ଅନୁଯାୟୀ ସେ ପ୍ରଥମେ ୩ ବର୍ଷ ନିମନ୍ତେ ଆରବିଆଇ ଗଭର୍ଣ୍ଣର ଭାବେ ନିଯୁକ୍ତ ହୋଇଥିଲେ। ୨୦୨୧ରେ ତାଙ୍କ କାର୍ଯ୍ୟକାଳ ଆଉ ୩ ବର୍ଷ ବୃଦ୍ଧି କରାଯାଇଥିଲା। ଅର୍ଥାତ ଦୁଇଟି ପର୍ଯ୍ୟାୟରେ ସେ ମୋଟ ୬ ବର୍ଷ ଆରବିଆଇ ଗଭର୍ଣ୍ଣର ହୋଇଥିଲେ। ଏହି ପଦରେ ରହି ସେ ଦେଶର ଅର୍ଥବ୍ୟବସ୍ଥାକୁ ସୁଦୃଢ଼ ଏବଂ ସୁରକ୍ଷିତ ରଖିବାରେ ମହତ୍ୱପୂର୍ଣ୍ଣ ସଫଳତା ହାସଲ କରିଥିଲେ। ୨୦୨୦ ଏବଂ ୨୦୨୧ ଦୁଇ ବର୍ଷ କୋଭିଡ ମହାମାରୀ ଯୋଗୁ ଦେଶର ଅର୍ଥନୀତି ପ୍ରତି ବଡ଼ ବିପଦ ମାଡ଼ିଆସିଥିଲା। କିନ୍ତୁ ଏହି ସମୟରେ ଶକ୍ତିକାନ୍ତ ସ୍ଥିତି ସମ୍ଭାଳିବାରେ ସଫଳ ହୋଇଥିଲେ। କୋଭିଡ ମହାମାରୀ ସମୟରେ ଦୁଇ ବର୍ଷ କାଳ ରେପୋରେଟ ୪ ପ୍ରତିଶତରେ ଅପରିବର୍ତ୍ତିତ ରହିଥିଲା। ୨୦୨୨ ଫେବୃଆରୀରେ ୟୁକ୍ରେନ ଉପରେ ଋଷିଆର ଆକ୍ରମଣ ପରେ ସାରା ବିଶ୍ୱରେ ଅର୍ଥନୈତିକ ସଙ୍କଟ ସୃଷ୍ଟି ହୋଇଥିଲା। ଫୁଡ଼, ଫୁଏଲ (କୋଇଲା)ଏବଂ ଫର୍ଟିଲାଇଜର ଭଳି ଗୁରୁତ୍ୱପୂର୍ଣ୍ଣ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ସପ୍ଲାଇ ଚେନ ବାଧାପ୍ରାପ୍ତ ହୋଇଥିଲା। ଫଳରେ ସାରା ବିଶ୍ୱରେ ମୁଦ୍ରାସ୍ଫୀତି ହୁ ହୁ ହୋଇ ବଢ଼ିଚାଲିଥିଲା। ଭାରତରେ ମଧ୍ୟ ଖୁଚୁରା ମୁଦ୍ରାସ୍ଫୀତି ହାର ୭ ପ୍ରତିଶତ ଉପରକୁ ଚାଲିଯାଇଥିଲା। ଏହାର ମୁକାବିଲା ନିମନ୍ତେ ଆରବିଆଇ ପର୍ଯ୍ୟାୟକ୍ରମେ ରେପୋରେଟ ୨୫୦ ବେସିସ ପଏଣ୍ଟ ବୃଦ୍ଧି କରିଥିଲେ। ଫଳରେ ମୁଦ୍ରାସ୍ଫୀତି ଅନେକାଂଶରେ ନିୟନ୍ତ୍ରିତ ହୋଇପାରିଥିଲା। ଏହା ପରେ ମଧ୍ୟ ପ୍ରାଚ୍ୟରେ ଆରମ୍ଭ ହୋଇଥିଲା ଯୁଦ୍ଧ। ଏବେ ସୁଦ୍ଧା ପରିସ୍ଥିତି ସ୍ୱାଭାବିକ ହୋଇନାହିଁ। ଆମେରିକା ଭଳି ବିଶ୍ୱର ଅନେକ ଧନଶାଳି ଏବଂ ଶକ୍ତିଶାଳି ଦେଶର ଅର୍ଥ ବ୍ୟବସ୍ଥା ଦୋହଲି ଯାଇଥିବା ବେଳେ ଭାରତର ଅର୍ଥନୀତି ସୁଦୃଢ଼ ରହିଛି। ଶକ୍ତିକାନ୍ତଙ୍କ ସଫଳ ଆର୍ଥିକ ପରିଚାଳନା ହେତୁ ଏହା ସମ୍ଭବ ହୋଇଛି। ତାଙ୍କ ସମୟରେ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ତାଙ୍କ ଅଭିଜ୍ଞତା, ସଫଳତା, ନିଷ୍ଠା ଏବଂ ଦକ୍ଷତାକୁ ପ୍ରଧାନମନ୍ତ୍ରୀ ପୁରସ୍କୃତ କରି ନାହାଁନ୍ତି, ଏହାର ଉପଯୋଗ ପାଇଁ ତାଙ୍କ ନିଜର ପ୍ରମୁକ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ଏହାର ସୁଫଳ ନିଶ୍ଚିତ ଭାବେ ମିଳିବ। ଅର୍ଥନୈତିକ କ୍ଷେତ୍ରରେ ଶକ୍ତିକାନ୍ତ ପ୍ରଧାନମନ୍ତ୍ରୀଙ୍କୁ ଉପଯୁକ୍ତ ପରାମର୍ଶ ଏବଂ ଦିଗଦର୍ଶନ ଦେବେ ବୋଲି ବିଶ୍ୱାସ। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ। ଏହା ସ୍ୱୀକାର କରିବାକୁ ପଡ଼ିବ ଯେ, ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକାଳ ମଧ୍ୟରେ ଓଡ଼ିଆମାନେ ଯେପରି ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ନିଯୁକ୍ତି ପାଇଛନ୍ତି ତାହା ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା।

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

**॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥**

> “ *ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ତ୍ରୁଟି ଉପୁଜିଯିବା ସହ ଯନ୍ତ୍ରଣା ପାଇଥାଏ।*

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧେର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।


**ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**
**ଦୂରଭାଷ : ୯୪୩୭୧୨୪୦୭୪**


# କଳା ଅବତାର, ଅଂଶାବତାର ଓ ରାମାବତାର

**॥ ଡା.ଦିଲ୍ଲୀପ କୁମାର ମହାରଣା ॥**

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ୍ୟ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ୍ୟ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୁତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।


ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯


# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

**॥ ସୁଶାନ୍ତ ଭୂୟାଁ ॥**

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ୍ୟ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ୍ୟ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଇ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଚ୍ଚୋଟତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞାପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ୍ୟ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।

# ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ



ରାୟଗଡ଼:(ମହାଭାରତ): ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇ ଯାଇଛି । ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ । ଏହି ଅବସରରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଏକ କର୍ମଶାଳା । ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା । ଉକ୍ତ କର୍ମଶାଳାରେ ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ଗୁଣ ଶେଖର, ଓରମାସର ଡେପୁଟି ସି ଇ ଓ ମନୋଜ ପାତ୍ର, ରାୟଗଡ଼ ସ୍ୱୟଂ ଶାଶିତ ମହାବିଦ୍ୟାଳୟର ଅଧକ୍ଷା ବବିଲତା ସରାଫ, ଜିଲ୍ଲା ଦକ୍ଷତା ଅଧିକାରୀ ସ୍ୱର୍ଣ୍ଣଲତା ରାଉତ, ପ୍ରମୁଖ ଯୋଗ ଦେଇ ମହିଳା ମାନଙ୍କ ଆର୍ଥିକ ଉଓତି, ବୈଷୟିକ ଶିକ୍ଷା । ମହିଳା ସଶକ୍ତିକରଣ, ଗ୍ରାମ୍ୟ ନିଯୁକ୍ତି ଓ ବଜାର ସହିତ ଯୋଗାଯୋଗରେ ମହିଳା ମାନଙ୍କ ଅବଦାନ ଭଳି ବିଷୟ ଗୁଡିକ ଉପରେ ଆଲୋଚନା କରିଥିଲେ । ଏହା ପରେ ଜିଲ୍ଲାସ୍ତରୀୟ ପାଳନ ଉତ୍ସବ ରେ ଯୋଗଦେଇ ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ନିହାର ରଞ୍ଜନ ମହିଳା ଦିବସ, ମିଳିତ ଜାତି ସଂଘର ଘୋଷଣାନାମା, ଶିଶୁ ସୁରକ୍ଷା, ମହିଳା ସୁରକ୍ଷା, ମହିଳା ସଶକ୍ତିକରଣ ପାଇଁ ହୋଇଥିବା ଚୁକ୍ତିନାମା ବିଷୟରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ମଧୁସ୍ମିତା ବେହେରା, ସହକାରୀ ଜିଲ୍ଲାପାଳ ବିଚିତ୍ରା ସେଠି ପ୍ରମୁଖ ମହିଳା ମାନଙ୍କର ସମାଜ ପାଇଁ ଅବଦାନ ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ ସ୍ୱାଗତ ଭାଷଣ ପ୍ରସଙ୍ଗରେ ମହିଳା ମାନେ କିପରି ଧୀରେ ଧୀରେ ସ୍ୱାବଲମ୍ବୀ ହେଲେଣି ସେହି ବିଷୟରେ ଆଲୋକପାତ କରିଥିଲେ । ରାମନାଗୁଡ଼ା ବ୍ଲକର ଲିଲି କଣ୍ଡାଗରି ନିଜର ବାଲ୍ୟ ବିବାହ ରୋକିବା ସହିତ ନିଜ ଗାଁ ରେ ଅନ୍ୟ ମାନଙ୍କୁ ବୁଝାଇ ୭ ଟି ବାଲ୍ୟ ବିବାହ ରୋକିଥିବା ଯୋଗୁଁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ପୋଷଣ ଅଭିଯାନ ମାଧ୍ୟମରେ ନିଜ ଅଂଚଳରେ ବିଭିନ୍ନ କାର୍ଯ୍ୟକୁ ସୁରୁରୁପେ ତୁଲାଇଥିବା ଯୋଗୁଁ ଗୁଡାରି ବ୍ଲକର ସିଡ଼ିପିଓ ଙ୍କୁ ଜିଲ୍ଲାରେ ଉତ୍ତମ ସିଡ଼ିପିଓ ଭାବେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଆକ୍ସନ ଏଡ଼ ର ଜିଲ୍ଲା ସଂଯୋଜକ ରତ୍ନେଶ୍ୱର ସାହୁ, ବରିଷ୍ଠ ରାଜସ୍ୱ ସହାୟକ ସୂର୍ଯ୍ୟ ନାରାୟଣ ନାୟକ, ସୁନିତା ମାଝୀ, ଶାନ୍ତନୁ ଚୌଧୁରୀ, ପୋଷଣ ଜିଲ୍ଲା ସଂଯୋଜିକା ମଧୁଲତା ଦଣ୍ଡସେନା, ଜିଲ୍ଲା ଜେଣ୍ଡର ସଂଯୋଜିକା ବାସନ୍ତୀ ଖୁ□ଆ, ବୈକୁଣ୍ଠ ପୀଡ଼ିକା ପ୍ରମୁଖ ପରିଚାଳନା କରିଥିଲା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଅନିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟାଟା ଷ୍ଟିଲ ଓ ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଦାନଗଦି:(ମହାଭାରତ): ଟାଟା ଷ୍ଟିଲ, ଟାଟା ଷ୍ଟିଲ ଫାଉଣ୍ଡେସନ, ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନଆଇଏନଏଲ) ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ଆଖପାଖ ଗ୍ରାମର ମହିଳା କର୍ମଚାରୀ ଓ ମହିଳାଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ଶନିବାର ଦିନ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଦାନଗଦି ସ୍ଥିତ ମଲ୍ଟି ସ୍କିଲ୍ ସେ□ରରେ ଏକ ମେଗା ଇଭେ□ ଆୟୋଜିତ ହୋଇଯାଇଛି । ଯେଉଁଥିରେ ଦାନଗଦୀ ଓ ସୁକିନ୍ଦା ବ୍ଲକର ୨୪ଟି ପଞ୍ଚାୟତର ୩୫୦ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ । ଦାନଗଦୀ ବ୍ଲକ ଉନ୍ନୟନ ଅଧିକାରୀ ଓଏଏସ୍-୧ (ଜେବି) ଡ. ମଣି ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ନ୍ୟୁଜ୍ ୭ର ସମ୍ପାଦିକା ଜ୍ୟୋତିସ୍ମିତା ନାୟକ ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନର ସିଏସ୍ଆର୍ ଓଡ଼ିଶାର ମୁଖ୍ୟ ଡ. ଅମ୍ବିକା ପ୍ରସାଦ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଚିନ୍ତାଧାରା ଏବଂ ଅନୁଭୂତିର ଏକ ଗତିଶୀଳ ଆଦାନପ୍ରଦାନକୁ ସୁଗମ କରିଥିଲା, ମହିଳାମାନଙ୍କୁ ସେମାନଙ୍କର ସଫଳତା ପ୍ରଦର୍ଶନ କରିବା ଏବଂ ସେମାନଙ୍କ ସଫଳତାର କାହାଣୀ ପ୍ରକାଶ କରିବାପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା । ଟାଟା ଷ୍ଟିଲ ଫାଉଣ୍ଡେସନର 'ଦିଶା' ପ୍ରୋଜେକ୍ଟର ଅଂଶଗ୍ରହଣକାରୀମାନେ ମଧ୍ୟ ସେମାନଙ୍କର ଅନୁଭୂତି ଉପସ୍ଥାପନ କରିଥିଲେ । ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ୨୪ଟି ପଞ୍ଚାୟତର ମହିଳାଙ୍କ ଏବଂ କମ୍ୟୁନିଟିର ୬୦ ଜଣ ମହିଳାଙ୍କୁ



ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଟାଟା ଷ୍ଟିଲ ଫାଉଣ୍ଡେସନ, ବ୍ରାହ୍ମଣିପାଳ ପକ୍ଷରୁ ଦେଉଳକଣ ଖଣ୍ଡୁରାଇ କମ୍ୟୁନିଟି ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ୫ଟି ପଞ୍ଚାୟତର ପ୍ରାୟ ୧୦୦ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଯାଜପୁର ଟମକା ଥାନା ଅଧିକାରୀପ୍ରମୋଦିନୀ ସାହୁ, କିଆଝର ଗ୍ରାମ ପଞ୍ଚାୟତ ସରପଞ୍ଚ ରାଜଲକ୍ଷ୍ମୀ ମହାପାତ୍ର ଓ ରସୋଲ ଗ୍ରାମ ପଞ୍ଚାୟତର ସରପଞ୍ଚ ବାସନ୍ତୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମାନ୍ତରାଳ ଉତ୍ସବରେ ଟାଟା ଷ୍ଟିଲ କଳିଙ୍ଗନଗରର ଇଞ୍ଜିନିୟରିଂ ଆଣ୍ଡ ପ୍ରୋଜେକ୍ଟ ଟିମ୍ ପ୍ଲା□ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଓ ଠିକା କର୍ମଚାରୀଙ୍କ ସମେତ ୩୦୦ରୁ ଅଧିକ ମହିଳାମାନେ ଯୋଗ ଦେଇ ନିଜ ନିଜ ଅଭିଜ୍ଞତା ବିଷୟରେ କହିଥିଲେ ସାଂସ୍କୃତିକ ପରିବେଷଣ କରିଥିଲେ । ଟାଟା ଷ୍ଟିଲ କଳିଙ୍ଗନଗରର କଷ୍ଟ୍ରାକ୍ଟ ସେଲ୍ (ଅପରେସନ୍ ଆଣ୍ଡ ମେ□ନାନ୍ସ) ପକ୍ଷରୁ ପ୍ଲାଣ୍ଟ ପରିସରରେ ରିକ୍ରିଏସନ୍ ସେ□ରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୩୫୦ରୁ ଅଧିକ ଚୁକ୍ତିଭିତ୍ତିକ ମହିଳା କର୍ମଚାରୀ ଅଂଶଗ୍ରହଣ କରି ନିଜର ଅନୁଭୂତି ବଖାଣିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ଏନଆଇଏନଏଲ୍ ଟାଉନସିପ୍ ର କମ୍ୟୁନିଟି ହଲ୍ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଳନ ୭୦ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଟା ମେଟାଲିକ୍ସର ନେତୃତ୍ୱ ପ୍ରଶିକ୍ଷକ ତଥା ଏଚ୍ଆରଏମର ପୂର୍ବତନ ଉପାଧ୍ୟକ୍ଷ ରତ୍ନା ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏନ୍ ଆଇଏନ୍ଏଲ୍ ର ଏମଡି ତଥା ସିଇଓ ସୁଧୀର ମେହେଟ୍ଟା ଏବଂ ଏନ୍ ଆଇଏନ୍ଏଲ୍ ର ଅନ୍ୟ ବରିଷ୍ଠ ନେତୃତ୍ୱମାନେ ଯୋଗ ଦେଇଥିଲେ । ଟାଟା ଷ୍ଟିଲର ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ମହିଳାସଶକ୍ତୀକରଣ ଏବଂ ଏହାର ପରିଚାଳନା କ୍ଷେତ୍ରରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି ।

# ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ



ପାରାଦୀପ(ମହାଭାରତ): ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ମଧୁବନସ୍ଥିତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ମହିଳାମାନେ କେବଳ ପରିବାର ମଧ୍ୟରେ ନୁହେଁ ଦେଶ ତଥା ବିଶ୍ୱସ୍ତରରେ ସେମାନଙ୍କର ଦକ୍ଷତା ପ୍ରମାଣ କରି ସାରିଲେଣି । ପୁରୁଷମାନଙ୍କ ସମକକ୍ଷ ହୋଇ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିପାରିଛି ବୋଲି କମ୍ପାନୀର ବରିଷ୍ଠ ଅଧିକାରୀ ଓ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ ମହିଳା କର୍ମଚାରୀମାନେ ର୍‍ୟାମ୍ପ ସୋ, ମ୍ୟୁଜିକ୍ ବଲ୍, ହିଡେନ୍ ଟ୍ୟାଲେ□,ନୃତ୍ୟଗୀତ ପରିବେଷଣ କରିଥିଲେ । କୃତୀ ପ୍ରତୀଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ର ବରିଷ୍ଠ ଅଧିକାରୀମାନଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ସେହିପରି ପୋର୍ଟ ଅଫିସର୍ସ କ୍ଲବ୍ ପରିସରରେ ଆଲୋଚନା ଚକ୍ର,ପୁରସ୍କାତ ବିତରଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବନ୍ଦର ଟ୍ରାଫିକ୍ ଉପଦେଷ୍ଟା ଏ.କେ.ବୋଷ, ସମ୍ମାନୀତ ଅତିଥି ଭାବେ ସୁଚିସ୍ମିତା ବୋଷ, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ସ୍ମୃତି ସ୍ୱାଇଁ, ବନ୍ଦର ବରିଷ୍ଠ ଉପ ଯାତାୟତ ପ୍ରବନ୍ଧକ ଏ.କେ.ସାହୁ ଯୋଗ ଦେଇଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଉପଲକ୍ଷେ ପୋର୍ଟ କ୍ଲବ୍ ଲେଡିଜ୍ ଉବଙ୍ଗ ପକ୍ଷରୁ ଅଠରବାଙ୍କୀ ଚିକିତ୍ସାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା ।

# ପୋଡାଡ଼ିହି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ

କେନ୍ଦୁଝର (ମହାଭାରତ):କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୋଡାଡ଼ିହି ଠାରେ ଗତକାଲି ବାର୍ଷିକ ଉତ୍ସବ ନିରାଡ଼ମ୍ବର ସହିତ ପାଳନ ହୋଇଯାଇଛି । ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରାଘ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ ହେବାସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଦାଶରଥି ଶୁଣ୍ଡି, ମୁଖ୍ୟ ବକ୍ତା ଭାବେ ହୃଦାନନ୍ଦ ମହାନ୍ତ, ସ୍ୱତନ୍ତ୍ର ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଶୁକଦେବ ମହାନ୍ତ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ନିରଞ୍ଜନ ନାଏକ, ବାଂଶପାଳ ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନୁରାଗ ବରାଳ, ଆସ୍ୱିଆର ବ୍ଲକ ସଂଯୋଜକ ଦୀପ୍ତେଶ୍ୱର ପେରାଇ, ଅବସରପ୍ରାପ୍ତ ଶିକ୍ଷକ ସୁମନ ବେହେରା, ସିଆରସିସି ଗୁରୁଦେବ ସାହୁ ଯୋଗ ଦେଇ ଗୁଣାତ୍ମକ ଶିକ୍ଷା ଏବଂ ନୂତନ ଜାତୀୟ ଶିକ୍ଷା ନୀତିର ଗୁରୁତ୍ୱ ପୂର୍ଣ୍ଣ ବିଷୟରେ ଆଲୋଚନା କରି ଛାତ୍ର ଛାତ୍ରୀ ମାନଙ୍କୁ କଠିନ ପରିଶ୍ରମ ନିଷ୍ଠାର ସହିତ କଲେ ପ୍ରତେକ କ୍ଷେତ୍ରରେ ସଫଳ ହେଇପାରିବ ବୋଲି କହିଥିଲେ । ଅତିଥି ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଏବଂ ପ୍ରଥମ ସମାପ୍ତି ସୂଚକ ଆକଳନ ରେ କୃତିତ୍ୱ ଲାଭ କରିଥିବା ସର୍ବ ଶ୍ରେଷ୍ଠ ତିନି ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟିକୁ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ବସନ୍ତ କୁମାର ପରିଡା ପରିଚାଳନା କରିଥିଲେ । ବିଦ୍ୟାଳୟ ର ଶିକ୍ଷକ ପ୍ରଦୀପ ପାତ୍ର, ଜୀବନ ଜ୍ୟୋତି ନାୟକ, ପରୀକ୍ଷିତ ମହାନ୍ତ, ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ପାତ୍ର, ଦ୍ରୌପଦୀ ସିଂ ସହଯୋଗ କରିଥିଲେ । ପରିଶେଷରେ ଶିକ୍ଷକ ଦୋଳ ଗୋବିନ୍ଦ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ସନ୍ଧ୍ୟା ସମୟରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଶିକ୍ଷକ ପ୍ରଦୀପ କୁମାର ପାତ୍ର ପରିଚାଳନା କରିବା ସହିତ କୁମୁଦ ମହାକୁଡ଼ ଏହାକୁ ସହଯୋଗ କରିଥିଲେ ।

# କ୍ଲଷ୍ଟର ସ୍ତରୀୟ ଆମ ସଂସ୍କୃତି ଆମ ଖେଳନା କର୍ମଶାଳା : ଦୁତିମେଣ୍ଡି

କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲାର ଖଜୁରୀ ପଡା ବ୍ଲକ ଅନ୍ତର୍ଗତ ଦୁତୀମେଣ୍ଡି କ୍ଲଷ୍ଟରରେ ୭ ଓ ୮ ଦୁଇଦିନ ଧରି କ୍ଲଷ୍ଟର ସ୍ତରୀୟ ଆମ ସଂସ୍କୃତି ଓ ଆମ ଖେଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ପ୍ରାରମ୍ଭିକ ସ୍ତରର ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷଣ ପ୍ରତି ଆଗ୍ରହ ଓ ଆନନ୍ଦ ଦାୟକ କରିବା ଦିଗରେ ସହାୟକ ଶିକ୍ଷଣ ସାମଗ୍ରୀ ଓ ଖେଳଣା ପ୍ରସ୍ତୁତି ନିମନ୍ତେ କ୍ଲଷ୍ଟର ଓ ବିଦ୍ୟାଳୟ ସ୍ତରରେ ସରକାରଙ୍କ ଏକ ବିଶେଷ କାର୍ଯ୍ୟକ୍ରମ ଆମ ସଂସ୍କୃତି ଆମ ଖେଳନା କର୍ମଶାଳା ଦୁତିମେଣ୍ଡି କ୍ଲଷ୍ଟର ଠାରେ ତା- ୭ - ୩ - ୨୦୨୫ରିଖ ଠାରୁ ତା- ୮ - ୩ - ୨୦୨୫ ରିଖ ପର୍ଯ୍ୟନ୍ତ ଦୁଇଦିନ ଧରି ସି.ଆର.ସି.ସି ଶ୍ରୀ ଅମିୟ ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ କ୍ଲଷ୍ଟର ର ୭ଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଅଂଶଗ୍ରହଣ କରି ସଂସ୍କୃତି ଓ ଶିକ୍ଷଣ ଭିତ୍ତିକ ବିଭିନ୍ନ ପ୍ରକାରର ଖେଳଣା, କଣ୍ଢେଇ, ମଡେଲ ଓ ଅନ୍ୟାନ୍ୟ ଶିକ୍ଷଣ ସାମଗ୍ରୀ ସମ୍ମିଳିତଭାବେ ପ୍ରସ୍ତୁତି କରିଥିଲେ । କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ଖଜୁରୀପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବିନୋଦ ବିହାରୀ ଦିଗାଲ କାର୍ଯ୍ୟକ୍ରମରେ ଯୋଗ ଦେଇ ଶିକ୍ଷକ ମାନଙ୍କୁ ନିଜନିଜ ବିଦ୍ୟାଳୟରେ ଏହିଭଳି ଶିକ୍ଷଣ ଭିତ୍ତିକ ସାମଗ୍ରୀ ଗୁଡିକ ଅଧିକରୁ ଅଧିକ ମାତ୍ରାରେ ତିଆରି କରିବା ପାଇଁ ଉତ୍ସାହିତ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସିଆର ସିସି ଶ୍ରୀ ମହାନନ୍ଦଙ୍କ ଦ୍ୱାରା ଦୁତିମେଣ୍ଡି କ୍ଲଷ୍ଟରର ପ୍ରାରମ୍ଭିକ ଛାତ୍ରଛାତ୍ରୀମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦକ୍ଷତା ଭିତ୍ତିକ ସୁନ୍ଦର ହସ୍ତାକ୍ଷର ଅଭ୍ୟାସ ନିମନ୍ତେ ଏକ ଅଭିନବ ପ୍ରୟାସ ''ସୁନ୍ଦର ହସ୍ତାକ୍ଷର ଅଭିଯାନ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ରୀ ବଂଶଧର ନନ୍ଦ, ରଘୁନାଥ କହଁର, ନବୀନ କହଁର, ବିଜୟ ମଲ୍ଲିକ,ମଧୁସୂଦନ ବେହେରା,ଶିକ୍ଷୟତ୍ରୀ ଶ୍ରୀମତୀ ଇନ୍ଦୁମତି ପଟ୍ଟନାୟକ, ସାରଳା ଦେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହେଲେ ଆର.ଡି.ଏସ ଡିଗ୍ରୀ କଲେଜର ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଶୁଭମ ଶ୍ରୀ ମହାନ୍ତ



କପ୍ତିପଦା -(ମହାଭାରତ ): କପ୍ତିପଦା - କୁଣ୍ଡାବାଇ ସ୍ଥିତ ଆର୍. ଡି. ଏସ୍. ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ଶୁଭମ ଶ୍ରୀ ମହାନ୍ତ ଶ୍ରେଷ୍ଠ ରେଡକ୍ରସ ସ୍ୱେଚ୍ଛାସେବୀ ଭାବରେ ଭୁବନେଶ୍ୱର ଠାରେ ଅୟୋଜିତ ରାଜ୍ୟସ୍ତରୀୟ ଯୁବ ରେଡକ୍ରସ ଓ କନିଷ୍ଠ ରେଡକ୍ରସ ପୁରସ୍କାର ବିତରଣ ଉତ୍ସବରେ ମାନ୍ୟବର ରାଜ୍ୟପାଳ ହରି ବାବୁ କମ୍ଭମପତିଙ୍କ ଠାରୁ ପୁରସ୍କୃତ ହୋଇ ମହାବିଦ୍ୟାଳୟର ମାନ ବୃଦ୍ଧି କରିପାରିଛନ୍ତି । ଶୁଭମ ଶ୍ରୀ ପୁରସ୍କାର ସ୍ୱରୂପ ମାନପତ୍ର, ଟ୍ରଫି ଏବଂ ଅର୍ଥରାଶି ପ୍ରାପ୍ତ କରିଛନ୍ତି । ସେ ମହାବିଦ୍ୟାଳୟରେ ପାଠ ପଢା ସହିତ ଯୁବ ରେଡକ୍ରସ ରେ ଯୋଗଦେଇ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟ କରି ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଉକ୍ତ ପୁରସ୍କାର ର ଅଧିକାରୀ ହୋଇଥିଲେ । ତାଙ୍କର ଏହି ପୁରସ୍କର ପାଇଁ କଲେଜ ର ଅଧକ୍ଷ ଡ. ପ୍ରଦୀପ କୁମାର ଗିରି ଉଚ୍ଚ ପ୍ରଶଂସା କରିବା ସହିତ ତାଙ୍କର ଏହି ସେବା ମନୋବୃତିକୁ ଆହୁରି ସୁଦୃଢ କରିବା ପାଇଁ କହିଥିଲେ ଶୁଭମ ତାଙ୍କର ଏହି ପୁରଷ୍କାର ପାଇବା ପଛରେ ଅଧକ୍ଷଙ୍କ ମନୋବଳ ଏବଂ ରେଡକ୍ରସ କାଉନସେଲର ରାଜେଶ କୁମାର ରାଉତରାୟ ଏବଂ ଲେଡି କାଉନସେଲର ଡ. ଦିବ୍ୟାରାଣୀ ତ୍ରିପାଠୀଙ୍କର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ ।

# ଚିକିତ୍ସାଧୀନ ମହିଳାଙ୍କ ମୃତୟ ପରିବାର ଲୋକେ କଲେ ଥାନାରେ ଅଭିଯୋଗ

ବଡ଼ଚଣା (ମହାଭାରତ): ଛତିଆ ଗୋପପୁର ଠାରେ ଥିବା ରୋହିଣୀ ହସ୍ପିଟାଲ ରେ ବଡଘୁମୁରି ପଞ୍ଚାୟତର ଜୀରାପୁର ଗ୍ରାମର ବିଷ୍ଣୁ ପ୍ରଧାନଙ୍କ ସ୍ତ୍ରୀ ପ୍ରତିଭା ପ୍ରଧାନ(୨୮) ଗତ ୬ତାରିଖ ରୁ ଅସୁସ୍ଥତା ହେତୁ ଚିକିତ୍ସିତ ହେଉଥିଲେ । ତାଙ୍କର ପରିସ୍ରା ନଳୀରେ କୌଣସି କାରଣରୁ ଇନଫେକ୍ସନ ହୋଇଥିଲା ଚିକିତ୍ସିତ ଅବସ୍ଥାରେ ତାଙ୍କର ଶରୀର ମଧ୍ୟ ଏକ ପ୍ରକାର ଉନ୍ନତି ଦେଖା ଦେଇଥିଲା ବୋଲି ପରିବାର ଲୋକେ କହିଥିଲେ । ମାତ୍ର ୮ତାରିଖ ଶନିବାର ସକାଳୁ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରି ଖାଇବା ପରେ ନର୍ସ ଇଞ୍ଜେକ୍ସନ ଦେଇଥିଲେ ତାର କିଛି ସମୟ ପରେ ହଟାତ ରୋଗୀ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା କରୁଥିବା ଡାକ୍ତର ମାନସ ଧଳ ପହଞ୍ଚି ରୋଗୀଙ୍କୁ ଦେଖିଥିଲେ, ମାତ୍ର ପ୍ରତିଭାଙ୍କୁ ଡ଼ାକ୍ତର ମୃତୁ ଘୋଷଣା କରିଥିଲେ । ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତେଜନା ଦେଖା ଦେଇଥିଲା । ଏନେଇ ପରିବାର ପକ୍ଷରୁ ଚିକିତ୍ସାରେ ଅବହେଳା ପାଇଁ ମୃତ୍ୟୁ କହୁଥିବା ବେଳେ ଡାକ୍ତର ଶ୍ରୀ ଧଳ କହିଛନ୍ତି ଯେ ହୃଦଘାତରେ ତାଙ୍କର ମୃତ ହୋଇଛି । ଏ ନେଇ ଶାଶୂଘର ପକ୍ଷରୁ ବୈରୀ ଥାନାରେ ଅଭିଯୋଗ



କରିବା ପରେ ଥାନା ଅଧିକାରୀ ଶରତ କୁମାର ନାୟକ ୩୨/ ୨୫ରେ ଏକ ମାମଲା ରୁଜୁ କରି ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠେଇବ ସହ ଏହାର ତଦନ୍ତ ଦାୟିତ୍ୱ ନିଜେ ଥାନା ଅଧିକାରୀ ଶ୍ରୀ ନାୟକ କହିଛନ୍ତି ଯେ ଖୁବଶୀଘ୍ର ଏହାର ତଦନ୍ତ କରାଯାଇ ରୋଗୀ ମୃତର କାରଣ ଜଣା ପଡିବ ବୋଲି କହିଛନ୍ତି ।

# କାଠ ବୋଝେଇ ଟାଟା ମେଜିକ ଗାଡ଼ି ଜବତ, ଡ୍ରାଇଭର କୋର୍ଟ ଚାଲାଣ

କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳ ରୁ ଶୁକ୍ରବାର ବିଳମ୍ବିତ ରାତିରେ ବନ କର୍ମଚାରୀ ମାନେ ପେଟ୍ରୋଲିଂ କରୁଥିବା ସମୟରେ ଏକ ଚୋରା କାଠ ବୋଝେଇ ଗାଡ଼ି କୁ ଜବତ କରିଛି ।ଘଟଣା ରେ ସଂପୃକ୍ତ ଡ୍ରାଇଭର ଆନନ୍ଦପୁର ଥାନା ଅନ୍ତର୍ଗତ ଅକାରୁଆ ଗ୍ରାମର ସନ୍ତୋଷ ଜେନା କୁ ଗିରଫ କରିଛି । ଏ ନେଇ ଠାକୁରମୁଣ୍ଡା ବନବିଭାଗ କେଶ ନମ୍ବର ୧୪୪ ଅନୁଯାୟୀ ମାମଲା ରୁଜୁ କରି ଡ୍ରାଇଭର କୁ କୋର୍ଟ ଚାଲାଣ କରିଛି ।ସୂଚନା ଅନୁଯାୟୀ ଠାକୁରମୁଣ୍ଡା ରେଞ୍ଜର ଉମାକାନ୍ତ ବେହେରା ଙ୍କ ସହ ଫୋରେଷ୍ଟର ବିଦ୍ୟାଧର ମହାନ୍ତ ଫୋରେଷ୍ଟ ଗାର୍ଡ ପ୍ରମୋଦ କୁମାର ମାହାନ୍ତ ନେତୃତ୍ୱରେ ଏକ ଟିମ୍ ରାତିରେ ପେଟ୍ରୋଲିଂ କରୁଥିବା ବେଳେ ରାତି ପ୍ରାୟ ୧ଟା ସମୟରେ ଠାକୁରମୁଣ୍ଡା ଗ୍ରାମ ପଞ୍ଚାୟତ ଗୁହାଳଡିହି ରୁ ବସନ୍ତପୁର ଗାଁ ରାସ୍ତା ରେ ଗାଡ଼ି କୁ ପାଇ ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ ଟାଟା ମେଜିକ ଗାଡ଼ି ନଂ( ଓଡ଼ି୦୯ ଏସ ୧୧୩୫ ) ରୁ ୪୦ ଖଣ୍ଡ ଶାଳ ଚୌକାଠ ଦେଖି ଭ୍ୟାନ ସହିତ କାଠ କୁ ଜବତ କରି ଥିଲେ । ଚୋରା କାଠ ବୋଝେଇ ଭ୍ୟାନ ଟି ଆନନ୍ଦପୁର ଅଞ୍ଚଳ କୁ ଯାଉଥିବା ର ବନ ବିଭାଗ ଜାଣିବାକୁ ପାଇଛି ।

# ପୋଲିସ୍ ଡ୍ୟୁଟିରେ ଲାଗିଥିବା ବୋଲେରୋ ଗାଡ଼ି ର ଅପବ୍ୟବହାର ହାଇୱାରୁ ବ୍ୟାଟେରୀ ଚୋରି ଅଭିଯୋଗ ରେ ଡ୍ରାଇଭର ଗିରଫ

ଯୋଡା (ମହାଭାରତ) କେନ୍ଦୁଝର ଜିଲ୍ଲା ବାମେବୟରି ଥାନା ଅନ୍ତର୍ଗତ କାଳିଆପାଳ ଗ୍ରାମରେ ପୋଲିସ ଡ୍ୟୁଟି ରେ ଲାଗିଥିବା ଏକ ବୋଲେରୋ ଡ୍ରାଇଭର ଓ ତାର ଜଣେ ସହଯୋଗୀ ଙ୍କ ସହ ମିଶି ଚୋରୀ କରି ପଳାଇବାକୁ ଉଦ୍ୟମ କରିବା ବେଳେ, ଡ୍ରାଇଭରକୁ ଗ୍ରାମବାସୀ କାବୁ କରିବା ସହିତ ବୋଲେରୋ ଗାଡ଼ିକୁ ଭଙ୍ଗାରୁଜା କରାଯାଇଥିବା ଜଣାପଡ଼ିଛି । ବାମେବାରୀ ପୋଲିସ୍ ଘଟଣା ସ୍ଥଳରୁ ଡ୍ରାଇଭରକୁ ଉଦ୍ଧାର କରିଥିଲା । ଏ ନେଇ ବଡ଼ବିଲ ଏସ ଡି ପି ଓ ଦେବେନ୍ଦ୍ର ନାଥ ପୀଙ୍ଗୁଆ ଶନିବାର ପୂର୍ବାହ୍ନ ପ୍ରାୟ ୧୧ ଟା ବେଳେ ଖବରଦାତୟ ଙ୍କୁ ଏକ ପ୍ରେସ ବିବୃତି ରେ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ ,ଶୁଆକାଟି ସ୍ଥିତ ଓଡ଼ିଶା ଖଣି ନିଗମ ତରଫରୁ ଏକ ଘରୋଇ ବୋଲେରୋ ଗାଡ଼ି କେନ୍ଦୁଝର ପୋଲିସକୁ ଯୋଗାଇ ଦିଆଯାଇଥିଲା । ଏହି ଗାଡ଼ିକୁ ଆନନ୍ଦପୁର ଅଞ୍ଚଳ ର ନିତ୍ୟାନନ୍ଦ ସିଂ ନାମକ ଜଣେ ଡ୍ରାଇଭର ଚଳାଉଥିଲେ । ତେବେ ଶୁକ୍ରବାର ଡ୍ୟୁଟି ସାରିବା ପରେ ସେ କାହାକୁ କିଛି ନ ଜଣାଇ ଗାଡ଼ି ନେଇ ତାଙ୍କ ସହଯୋଗୀ ନନ୍ଦନ ବେହେରା ଙ୍କ ସହ ଏହି ଚୋରି ଘଟଣା ଘଟାଇଥିଲା । କାଳିଆପାଳ ନିକଟରୁ ଶ୍ରୀ ମେଟାଲିକ୍ସ କମ୍ପାନୀର ହାଇୱାରୁ ଦୁଇଟି ବ୍ୟାଟେରୀ ଚୋରି କରି ନେଇ ବୋଲେରୋରେ ପଳାଇବାକୁ ଉଦ୍ୟମ କରିବା ବେଳେ ଗ୍ରାମବାସୀଙ୍କ ହାତରେ ଧରା ପଡ଼ିଯାଇଥିଲେ । ବାମେବୟରି ପୋଲିସ ଏ ନେଇ କେସ ନଂ ୨୫/୨୦୨୫ ଦଫା ୩୦୩(୨),୩(୫)ବି ଏନ୍ ଏସ ରୁଜୁ କରି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇ ଥିବା ଆଇ ଆଇ ସି ଯୋସକେତନ ଭୋଇ ସୂଚନା ଦେଇଛନ୍ତି ।

# ପାରାଦୀପ ପୌରପାଳିକା ଆନୁକୂଲ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ



ପାରାଦୀପ (ମହାଭାରତ): ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ମହିଳାମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ଅବଗତ କରାଇବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥାଏ ମହିଳା ଦିବସ ଅବସରରେ ସାରା ବିଶ୍ୱରେ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ ଯାହାର ମୂଳ ଲକ୍ଷ୍ୟ ମହିଳାଙ୍କୁ ତାଙ୍କ ଅଧିକାର ବିଷୟରେ ସଚେତନ କରିବା ଏବଂ ସମାଜରେ ମହିଳାଙ୍କୁ ପୁରୁଷଙ୍କ ସହ ସମାନ ସମ୍ମାନ ଦେବା ।

ଏହି ପରିପ୍ରେକ୍ଷୀରେ ପାରାଦ୍ୱୀପ ପୌରପାଳିକା ଆନୁକୂଲ୍ୟରେ ଅନ୍ତର୍ଜାତିକ ମହିଳା ଦିବସ - ୨୦୨୫ ପାରାଦୀପ ର ଜୟଦେବ ସଦନ ପ୍ରାଙ୍ଗଣରେ ଶନିବାର ଅପରାହ୍ନରେ ମହା ସମାରୋହରେ ପାଳିତ ହୋଇଯାଇଛି । ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ଉତ୍ସବରେ ପାରାଦୀପ ବିଧାୟକ ତଥା ଓଡିଶା ସରକାର ଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ମାନଙ୍କ ଅଧିକାର ଓ ସେମାନଙ୍କୁ ସ୍ୱାବଲମ୍ବୀ ହେବାକୁ ପ୍ରେରଣା ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ତହସିଲଦାର ତଥା ପାରାଦୀପ ପୌର ନିର୍ବାହୀ ଅଧିକାରୀ ସ୍ୱରୂପ ନନ୍ଦନ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ପୌର ଅତିରିକ୍ତ ନିର୍ବାହୀ ଅଧିକାରିଣୀ ସୁଶ୍ରୀ ସ୍ମୃତି ସ୍ୱାଇଁ,ପାରାଦୀପ ମହାବିଦ୍ୟାଳୟ ଅଧକ୍ଷା ଡ଼ଃ, ସସ୍ମିତା ଶତପଥୀ, ପାରାଦୀପ ଲେଡ଼ିଜ କ୍ଲବ ଉପଦେଷ୍ଟା ପ୍ରୀତି ଆରତୀ ପରିଜା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏଭଳି ଦିବସ ପାଳନର ଗୁରୁତ୍ୱ ଏବଂ ମହିଳା ଙ୍କ ଅଧିକାର ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ବର୍ଗରେ ସଫଳତା ହାସଲ କରିଥିବା ମହିଳା ମାନଙ୍କୁ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପ ର ବିଭିନ୍ନ ୱାର୍ଡ ରୁ ଶତାଧିକ ମହିଳା ଓ ସଂଗଠନ ର ସଦସ୍ୟା ମାନେ ଉପସ୍ଥିତ ଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ମହିଳା ଦିବସରେଏସ୍.ପି ସାଗରିକା କରିଲେ ରକ୍ତଦାନ



ଖୋର୍ଦ୍ଧା;(ମହାଭାରତ) ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ଆଜି ଖୋର୍ଦ୍ଧା ଏସ୍.ପି ସାଗରିକା ନାଥ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିବା ବେଳେ ସେ ନିଜେ ମଧ୍ୟ ଆଜି ରକ୍ତଦାନ କରିଛନ୍ତି । ଏହା ତାଙ୍କର ୧୭ତମ ରକ୍ତଦାନ ବୋଲି ଗଣମାଧ୍ୟମକୁ କହିଥିବା ବେଳେ ରକ୍ତଦାନ କ୍ଷେତ୍ରରେ ପୁରୁଷଙ୍କ ତୁଳନାରେ ସାଧାରଣତଃ ମହିଳା ଅନୁପାତ ପ୍ରାୟତଃ କମ୍ ରହିଥାଏ । ଆଜିର ମହିଳା ଆଉ ଦୁର୍ବଳା ହୋଇ ରହିନାହିଁ, ତେଣୁ ମହିଳା ଯେପରି ପ୍ରତ୍ୟେକ କ୍ଷେତ୍ରରେ ପୁରୁଷର କାନ୍ଧକୁ କାନ୍ଧ ମିଳାଇ ଛିଡ଼ା ହୋଇପାରିଛି, ସେହିପରି ସ୍ୱତଃ ରକ୍ତଦାନ ପାଇଁ ମଧ୍ୟ ଆଗେଇ ଆସିବାର ଆବଶ୍ୟକତା ରହିଛି ବୋଲି ମହିଳାଙ୍କୁ ଆହ୍ୱାନ କରିଥଲେ । ଆୟୋଜିତ ରକ୍ତଦାନ ଶିବିରରେ ଖୋର୍ଦ୍ଧା ଜିଲ୍ଲା ରକ୍ତଭଣ୍ଡାର କର୍ମଚାରୀଙ୍କ ସହଯୋଗରେ ସମୁଦାୟ ୫୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଥାନା ଅଧିକାରିଣୀ ଶ୍ରୀମତୀ ଗାୟତ୍ରୀ ମିଶ୍ରଙ୍କ ସହିତ ସହକାରୀ ଥାନା ଅଧିକାରୀ ବାସୁଦେବ ଜୟସିଂହ ପ୍ରମୁଖ ଆୟୋଜିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥଲେ।

## ଉତ୍କଳ ଦିବସରେ ଜୟଦେବ ଗଣଦୌଡ-୨୦୨୫ ସାମ୍ବାଦିକ ସମ୍ମିଳନୀ

ବାଲିପାଟଣା( ମହାଭାରତ) ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ନିର୍ଭୀକ ଖବର ଓ ଅରବିନ୍ଦ ୟୁଥ୍ ଆଣ୍ଡ ସୋସିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହେବାକୁ ଥିବା ଜୟଦେବ ଗଣଦୌଡ-୨୦୨୫ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ବାଲକାଟି ସ୍ଥିତ ଶ୍ରୀ କନଭେସନ ଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏପ୍ରିଲ ୧ ତାରିଖ ଦିନ ବାଲକାଟି ସ୍ଥିତ ସଂଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ପ୍ରତିମୂର୍ତ୍ତି ଠାରୁ ଆରମ୍ଭ ହୋଇ ହୀରାପୁର ସ୍ଥିତ ମା' ମହାମାୟା ୬୪ ଯୋଗିନୀ ପୀଠରେ ଶେଷ ହେବ। ଏହି ଗଣଦୌଡରେ ୧୮ ରୁ ୩୫ବର୍ଷ ବର୍ଗର ଉଭୟ ମହିଳା ଓ ପୁରୁଷ ଭାଗନେଇପାରିବେ ଯ ପ୍ରତିଯୋଗିତାରେ ପ୍ରଥମ ,ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ୧୦ହଜାର,୭ହଜାର ଏବଂ ୫ହଜାର ଟଙ୍କାର ଆର୍ଥିକ ରାଶି ପୁରସ୍କାର ପ୍ରଦାନ କରାଯିବ। ଆଜିଠାରୁ ଇଚ୍ଛୁକ ପ୍ରତିଯୋଗୀ ପଞ୍ଜିକରଣ କରିପାରିବା ପାଇଁ ଇମେଲ ଆଇଡି କିମ୍ବା ୯୪୩୯୧୧୫୭୨୯ ହ୍ୱାଟ୍ସଆପ ଜରିଆରେ ନିଜର ନାମ,ବୟସ ଓ ମୋବାଇଲ ନମ୍ବର ଦେଇ ପଞ୍ଜିକରଣ କରିପାରିବେ। ପଞ୍ଜିକରଣ ନିମନ୍ତେ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ୯୯ଟଙ୍କା ଦେୟ ପୈଠ କରିବାକୁ ହେବୟଜୟଦେବ ନିର୍ବାଚନ ମଣ୍ଡଳୀର ଐତିହ୍ୟ ଓ ପର୍ଯ୍ୟଟନକୁ ସମୃଦ୍ଧ, ଜୀବନ୍ତ ଓ ସ୍ପନ୍ଦନମୟ କରିବାକୁ ଏହା ଏକ ଆହ୍ୱାନ ବୋଲି ମତ ରଖିଥିଲେ 'ନିର୍ଭୀକ ଖବର' ର ସମ୍ପାଦକ ଆଶୁତୋଷ ଚୌଧୁରୀୟ ଯୁବ ବର୍ଗଙ୍କୁ ଏହି ଗଣଦୌଡରେ ଭାଗନେଇ ଆମ ଅଞ୍ଚଳର ଗର୍ବ ଗୌରବ କୁ ଆଗେଇ ନେବାକୁ ମତବ୍ୟକ୍ତ କରିଥିଲେ ଅରବିନ୍ଦ ୟୁଥ୍ ଆଣ୍ଡ ସୋସିଆଲ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଡ଼ ଅରବିନ୍ଦ ଢ଼ାଲିୟଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପୁସ୍ତକ ମେଳାର ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ ଓ ଶିଶୁ ଅନନ୍ତ ପ୍ରେସ୍ କ୍ଲବର ସଭାପତି ବିଦ୍ୟାଭୂଷଣ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଭୀକ ଖବର ସହ ସମ୍ପାଦକ ପ୍ରଳୟ କୁମାର ଦାସ ସଭା ପରିଚାଳନା କରିଥିଲେୟ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ନବରଙ୍ଗପୁର ଠାରେ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନା ର ଦ୍ୱିତୀୟ କିସ୍ତି ର ଆର୍ଥିକ ସହାୟତା ପ୍ରଦାନ

ନବରଙ୍ଗପୁର(ମହାଭାରତ): ଆଜି ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପ ଠାରେ ଦିବା ୧୧.୦୦ ଘ□ା ସମୟରେ ଅନୁଷ୍ଠିତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ର ଆର୍ଥିକ ସହାୟତା ପ୍ରଦାନର ସିଧା ପ୍ରସାରଣ ସମାରୋହ ରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମଞ୍ଚରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ମାନ୍ୟବର ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ,ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ,ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ଓ କୁଞ୍ଜ ବିହାରୀ ଦାସ ପ୍ରମୁଖ ମଞ୍ଚାସିନ ଥିଲେ। ମାନ୍ୟବର ମନ୍ତ୍ରୀ ସମାରୋହ କୁ ସମ୍ବୋଧିତ କରି ମହିଳାମାନେ ଦେଶର ସାମାଜିକ ଓ ଆର୍ଥିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ଏବଂ ଓଡ଼ିଶା ଇତିହାସର ସର୍ବବୃହ୍ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ସୁଭଦ୍ରାର ଦ୍ୱିତୀୟ କିସ୍ତି ସହାୟତା ଅର୍ଥ ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶିଳ କରିବ ବୋଲି କହିଥିଲେ। ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ନିଜ ବକ୍ତବ୍ୟରେ ବ୍ରହ୍ମପୁର ଠାରେ ଆୟୋଜିତ ସୁଭଦ୍ରା ଯୋଜନା ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦ୍ୱିତୀୟ କିସ୍ତି ଅର୍ଥ ରାଶି ପ୍ରଦାନକୁ ଭୂୟସୀ ପ୍ରଶଂସା କରିବା ସହ ଏହାଦ୍ୱାରା ମହିଳା ସଶକ୍ତିକରଣ ର ଏକ ନୂତନ ଯୁଗ ଆରମ୍ଭ ହେଲା ବୋଲି କହିବା ସହ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ର ସଫଳ ରୂପାୟନ ପାଇଁ ସଂପୃକ୍ତ ପ୍ରଶାସନିକ ଅଧିକାରୀ,ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ଏସ ଏଚ୍ ଜି ସଭ୍ୟା,ମୋ ସେବା କେନ୍ଦ୍ର, ଜନ ସେବା କେନ୍ଦ୍ର, ସପୋର୍ଟ ଷ୍ଟାଫ କୁ ଧନ୍ୟବାଦ୍ ଦେଇଥିଲେ।ପ୍ରକାଶ ଥାଉ କି ଆଜି ବ୍ରହ୍ମପୁର ଆମ୍ବପୁଆ ଠାରେ ଅନୁଷ୍ଠିତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟ ସ୍ତରୀୟ ସୁଭଦ୍ରା ଯୋଜନା ଦ୍ୱିତୀୟ କିସ୍ତି ଅର୍ଥ ସହାୟତା ପ୍ରଦାନ କାର୍ଯ୍ୟକ୍ରମରେ ରାଜ୍ୟର ୧ କୋଟିରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ତାଙ୍କର ବ୍ୟାଙ୍କ ଆକାଉଣ୍ଟ ରେ ଡି ବି ଟି ମାଧ୍ୟମରେ ପ୍ରାୟ ୫୦୦୦ କୋଟି ଟଙ୍କା ଜମା କରାଯାଇଛି।ନବରଙ୍ଗପୁର ଜିଲ୍ଲାର ୧୦ ଟି ବ୍ଲକ୍ ଓ ୨ ଟି ମ୍ୟୁନିସିପାଲଟି ଅଞ୍ଚଳର ୨,୮୫,୯୫୨ ଜଣ ମହିଳା ହିତାଧିକାରୀ ଙ୍କ ଖାତା କୁ ପ୍ରତ୍ୟେକ ୫୦୦୦ ଟଙ୍କା ଦ୍ୱିତୀୟ କିସ୍ତି ଅର୍ଥ ରାଶି ଆଜି ଜମା ହୋଇଛି।ଏହି ସମାରୋହରେ ଜିଲ୍ଲାର ବିଭିନ୍ନ ବ୍ଲକ ରୁ ଅଙ୍ଗନବାଡ଼ି କର୍ମୀ,ଆଶାକର୍ମୀ, ଏସ ଏଚ ଜି ସଭ୍ୟ,ମହିଳା ହିତାଧିକାରୀ ଙ୍କ ସହ ବିଭାଗୀୟ ଅଧିକାରୀ,ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ନୂତନ ଭାରତୀୟ ନ୍ୟାୟ ସଂହିତା ଏବଂ ଅପରାଧିକ ଆଇନ ସମ୍ପର୍କରେ ଖୋର୍ଦ୍ଧା ଆଦର୍ଶ ଥାନାର ଆଲୋଚନା ଚକ୍ର

ଖୋର୍ଦ୍ଧା;(ମହାଭାରତ) ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆଜି ଖୋର୍ଦ୍ଧା ଆଦର୍ଶ ଥାନା ଦ୍ୱାରା ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହା ସହିତ ନୂତନ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କରେ ସ୍ଥାନୀୟ ଜୟୀ ରାଜଗୁରୁ ଭବନରେ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଏସ୍.ପି ସୁଶ୍ରୀ ସାଗରିକା ନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖୋର୍ଦ୍ଧା ପୋଲିସ କିପରି ସହରବାସୀଙ୍କ ନିକଟତର ହୋଇ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଗଠନ ପାଇଁ ତତ୍ପର ହୋଇପାରିବ ଏବଂ




ଖୋର୍ଦ୍ଧା ଜନସାଧାରଣ ପାଇଁ ୨୪ଘଣ୍ଟିଆ ୧୧୨ସେବାକୁ ତ୍ୱରାନିତ କରାଇବା ସହିତ ଖୋର୍ଦ୍ଧାରେ ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣାଧୀନ କରିବା ପାଇଁ ସହରର ୧୫ଟି ପ୍ରମୁଖ ସ୍ଥାନକୁ ସିସିଟିଭି କ୍ୟାମେରା ମାଧ୍ୟମରେ ନିରୀକ୍ଷଣ କରିବା ଉପରେ ଗୁରୁ ଦିଆଯିବ ବୋଲି କହିଥିଲେ। ଖୋର୍ଦ୍ଧା ଏସ୍.ଡି.ପି.ଓ ନିହାର ରଞ୍ଜନ ପ୍ରଧାନଙ୍କ ସହିତ ଖୋର୍ଦ୍ଧା ବାର୍ ଆସୋସିଏସନ୍ ପ୍ରେସିଡେ□ ଜୀବନଜ୍ୟୋତି ମିଶ୍ର ଏବଂ ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଦେବ ପ୍ରସାଦ ମଜୁମଦାର ପ୍ରମୁଖ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ କିପରି ପୋଲିସ ପ୍ରତି ସାଧରଣ ଲୋକଙ୍କ ମନରେ ରହିଥିବା ଭୟକୁ ଦୂର କରିବା ସହିତ ସାଧାରଣ ଜନତା ଏବଂ ପୋଲିସ ମଧ୍ୟରେ ସମ୍ପର୍କ ନିବିଡ଼ ହେଲେ ଅଂଚଳରେ ଶାନ୍ତିର ବାତାବରଣ ସୃଷ୍ଟି ହୋଇ ପାରିବ ବୋଲି କହିଥିବା ବେଳେ ଭାରତୀୟ ନାଗରିକ ସଂହିତା, ଭାରତୀୟ ଦଣ୍ଡବିଧି ସଂହିତା ଓ ଭାରତୀୟ ସାକ୍ଷ୍ୟ ସଂହିତା ଆଦି ନୂତନ ଆଇନରେ ଲାଗୁ ଧାରାରେ ହୋଇଥିବା ପରିବର୍ତ୍ତନ ଉପରେ ସୂଚନା ଦେଇଥିଲେ।

## ଟାଟା ଷ୍ଟିଲ ଫାଉଣ୍ଡେସନ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ




ଯୋଡା (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ଟାଟା ଷ୍ଟିଲ ଫାଉଣ୍ଡେସନ ତରଫରୁ ବିଶ୍ୱ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଛି । ଯୋଡା ୱେଷ୍ଟ ଅଡିଟୋରିୟମ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମ୍ପାନୀ ରେ କାର୍ଯ୍ୟରତ ମହିଳା ଅଫିସର ଏବଂ କର୍ମଚାରୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏହି ଉତ୍ସବରେ ଟାଟା ଷ୍ଟିଲ ମୁଖ୍ୟ ଡାକ୍ତରଖାନା, ଯୋଡା ର ଚିଫ ମେଡିକାଲ ଅଫିସର ଡା: ସୁଚିସ୍ମିତା ଦାସ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଆଜିର ସମୟରେ ଗ୍ରାମୀଣ ମହିଳା ପାରମ୍ପରିକ ଚିନ୍ତାଧାରା କୁ ଭାଙ୍ଗି କିଭଳି ସଫଳତା ସାଉଁଟୁଛନ୍ତି, ସେ ଉପରେ ସେ ଆଲୋକପାତ କରିଥିଲେ । ଏତଦବ୍ୟତୀତ, ଗୃହ କାର୍ଯ୍ୟ ଓ ପାଠ ପଢା ସହ ବିଭିନ୍ନ ଖେଳ ତଥା ଭାରୀ ଯାନ ଚାଳନା ରେ କିପରି ସ୍ଥାନୀୟ ମହିଳା ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି, ସେ ବିଷୟରେ ସେ ଉଲ୍ଲେଖ କରିଥିଲେ ଓ ରୋଇଡା ପଞ୍ଚାୟତ ଅନ୍ତର୍ଗତ କ୍ୟାମ୍ପ ହାଟିଂ ର ଉଦୀୟମାନ ଫୁଟବଲ ଖେଳାଳି ରୂପଶ୍ରୀ ମୁଣ୍ଡା, ଅମ୍ଲିନ ପୂର୍ତ୍ତି ଏବଂ ସରକାରୀ ଯୋଜନାରେ ଚାକିରି କରି କେନ୍ଦୁଝର ରୁ ଯୋଡା ପୌରପାଳିକା କୁ ବସ ଚଳାଉ ଥିବା ନିର୍ମଳା ଲାଗୁରୀ ଙ୍କ ଉଦାହରଣ ଦେଇ ସେମାନେ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରି ସମସ୍ତଙ୍କ ପାଇଁ ପ୍ରେରଣା ର ଉତ୍ସ ବୋଲି ଉଲ୍ଲେଖ କରିଥିଲେ ଓକାର୍ଯ୍ୟକ୍ରମ ଶେଷରେ ମହିଳା କର୍ମଚାରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା।

## ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୫, ୨୪୭୮ ଟି ମାମଲା ଫଇସଲା

କଳାହାଣ୍ଡି/ମହାଭାରତ :କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଗୁଡିକରେ ଚଳିତ ବର୍ଷ ୨୦୨୫ ର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ତା ୦୮.୦୩.୨୦୨୫ ରିଖ(ଶନିବାର) ଦିନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ, ଶ୍ରୀ ଅନୁପ ରଞ୍ଜନ ପଟ୍ଟନାୟକ ଓ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶ୍ରୀ ଶୁଭଗୌତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଆୟୋଜିତ ବିଭିନ୍ନ ଅଦାଲତରେ ୧୩ ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ଟ. ୧,୦୯,୮୦,୦୦୦/- ଙ୍କା ପ୍ରଦାନ କରାଯାଇଥିଲା । ସେହିପରି ୧୪ ଟି ଦେବାନୀ




ମକଦ୍ଦମା ଫଇସଲା କରାଯାଇଥିଲା,ବିଚାର ଯୋଗ୍ୟ ୨୦୫ ଟି ଫୌଜଦାରି ମକଦ୍ଦମା ଫଇସଲା କରାଯାଇଥିଲା ଏବଂ (ଦଫା- ୧୩୮) ୬ ଟି ଫଇସଲା କରାଯାଇ ଟ.୫,୦୦.୦୦୦ /- ଙ୍କା ଆଦାୟ କରାଯାଇଥିଲା। ବିବାହ ଜନିତ ମକଦ୍ଦମା ୭ ଗୋଟି ଫଇସଲା କରାଜାଇଥିଲା । ରାଜସ୍ ମକଦ୍ଦମା ୧୬୬୬ଟି ଫଇସଲା କରାଯାଇ ଟ.୮,୫୦, ୭୦୭ /- ଙ୍କା ଆଦାୟ କରା ଯାଇଥିଲା ଓ ୫୬୭ ଟି ପ୍ରାକ ମୋକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ଟ୯୬,୯୧,୭୯୪. ଙ୍କା ଆଦାୟ କରାଯାଇଥିଲା।ଏହି ଲୋକ ଅଦାଲତରେ ଭିଜଲାନ୍ସ ଜଜ୍ ଶ୍ରୀ ବଦ୍ରି ନାରାୟଣ ନନ୍ଦ, ପରିବାର ଅଦାଲତ ଜଜ୍, ରାଜଶ୍ରୀ ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପଦ୍ମଲୋଚନ ବଡଜେନା, ସିନିୟର ସିଭିଲ ଜଜ୍, ସୁଦିପ୍ତା ଦେହୁରି, ସଚିବ ଜିଲ୍ଲା ଆଇନ ସେବା ପ୍ରାକରଣ, କଳାହାଣ୍ଡି, ଶ୍ରୀ ସୁଭ ଗୌତମ ମିଶ୍ର, ସିନିୟର ସିଭିଲ ଜଜ୍ (ମହିଳା ଅଦାଲ୍)ରଶ୍ମୀରେଖା ପାତ୍ର, ସିନିୟର ସିଭିଲ ଜଜ୍ (ଖଜ ଖଞ୍ଚଠ), ପି.ସିତାଲକ୍ଷ୍ମୀ,ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଧା ଶର୍ମା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତି ସୁମିତ୍ରା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ। ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ୍ ଯଦୁମଣି ମିଶ୍ର, ରେଜିଷ୍ଟ୍ରାର ଶ୍ରୀ ଚରଣଜ୍ଞି ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

କୋରାପୁଟ ପୋଲିସ ପ୍ୟାରେଡ଼ ପଡ଼ିଆ ଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି।କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଚ୍ଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ।କୋଟପାଡ଼ ବିଧାୟକ ରୁପୁ ଭତ୍ରା,କୋଟପାଡ଼ ଏନଏସି ଅଧକ୍ଷ ଏମ ଶଙ୍କର ରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପୋଷଣ ଅଭିଯାନ କାର୍ଯ୍ୟକ୍ରମର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲ୍ଲାର ଶ୍ରେଷ୍ଠ ଶିଶୁ ବିକାଶ ଅଧିକାରୀ ଭାବେ ସେମିଳିଗୁଡା ସିଡିପିଓ ବିନୋଦିନୀ ବେହେରାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।ସେହିପରି ଶ୍ରେଷ୍ଠ ସୁପରଭାଇଜର ଭାବେ ବୈପାରିଗୁଡାର ଚନ୍ଦ୍ରବତୀ ମଣ୍ଡଳ ଓ ବୋରିଗୁମ୍ମାର ଶର୍ମିଷ୍ଠା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ଶ୍ରେଷ୍ଠ ଅଙ୍ଗନୱାଡ଼ି କର୍ମୀ ଭାବେ ପାର୍ବତୀ ନାୟକ, ଦୁତିକା ହାଲବା, ଅଞ୍ଜନା ହିକକା ଓ ଶକୁନ୍ତଳା ହିମେରିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ହେଲପର ଭାବେ ଦନମତି ଚପାଡ଼ି, ଗୌରୀ ଦୁଆରୀ ଓ ଏ.କମଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋରାପୁଟ ଜିଲ୍ଲାର ୩ ଲକ୍ଷ ସୁଭଦ୍ରା ହିତାଧୀକାରୀ ଦ୍ୱିତୀୟ କିସ୍ତି ଟଙ୍କା ଡିବିଟି ମାଧ୍ୟମରେ ପାଇଥିବା ଜିଲ୍ଲାପାଳ ଭି କୀର୍ତ୍ତି ୱାସନ କହିଛନ୍ତି।

## ସାଧାରଣ ସେବା ଓ ନାଗରିକ ସନନ୍ଦ ଉପରେ ପ୍ରଶିକ୍ଷଣ ଶିବିର

ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ତହସିଲ ଅନ୍ତର୍ଗତ ରାଇରଙ୍ଗପୁର ବ୍ଲକ ର ପୁରୁଣାପାଣି ଗ୍ରାମ ପଞ୍ଚାୟତ ର ଆନନ୍ଦପୁର, ଦାଣ୍ଡବୋଷ ଏବଂ କଣ୍ଟାବଣି ଗାଁ କୁ ନେଇ ରୁଙ୍ଗଟା କମ୍ପାନୀ ଶିଳ୍ପାୟନ ଓ ଅର୍ଥନୈତିକ ପ୍ରଗତି ପାଇଁ ଆରସିରୁଙ୍ଗଟା କମ୍ପାନୀ ବଦ୍ଧପରିକର । ବିଶିଷ୍ଟ ଶିଳ୍ପପତି ରାମଚନ୍ଦ୍ର ରୁଙ୍ଗଟାଙ୍କ ଉଦ୍ୟମ ରେ ଆରସିରୁଙ୍ଗଟା ଗ୍ରୁପ ଚାରି ଦଶନ୍ଧି ଧରି ଇସ୍ପାତ ଶିଳ୍ପ କାର୍ଯ୍ୟ କରି ଆସୁଛି.ଝାରଖଣ୍ଡ ର ରାମଗଡ଼ ରେ ତିନଟି ସମନିତ ଇସ୍ପାତ କାରଖାନା ରହିଛି, ଯେଉଁଥିରେ ଇସ୍ପଞ୍ଜ ଆଇରନ,ବିଲେଟ ଏବଂ ଟିଏମଟି ରିବାର ଉତ୍ପାଦନ କରାଯାଉଛି।ଏହି ଗୋଷ୍ଠୀ ର ତିନଟି କଇଲା ଖଣି ଚୋରିଟାଣ୍ଡ ତିଲାୟା,ବୋକାର ରେ ରହିଛି ଆଉ ଗୋଟିଏ ପୋଟାଲ ପୂର୍ କୋଇଲା ଖଣି ଏବଂ ଅନ୍ୟ ଗୋଟି ପଲମାଉ ଠାରେ ଲୋହାରୀ ଓପନ କାଷ୍ଟ କୋଇଲା ପ୍ରକଳ୍ପ ରହିଛି। ଏହି କମ୍ପାନୀ ରିଅଲ ଇଷ୍ଟେଟ କ୍ଷେତ୍ରରେ ମଧ୍ୟ ବିବିଧତା ଆଣିଛି।ଏବଂ ହରିୟଣା ର ଗୁଡ଼ଗାଁଓ ରେ ସଫଳତାର ସହ ଆବାସିକ ପ୍ରକଳ୍ପ ବିକଶିତ କରିଛି। ଏହି କମ୍ପାନୀ ରାମଗଡ଼ ରେ ରାମଗଡ଼ ଜିମଖାଡା କ୍ଲବ ପରିଚାଳନା କରୁଥିବା ଅତିଥିସେବା ୟବସାୟ ରେ ମଧ୍ୟ ଅଛି। ଏହି କମ୍ପାନୀ ମୋହିନୀ ଦେବୀ ମେମରିଆଲ ସ୍କୁଲ (ଆର ସି ରୁଙ୍ଗଟା ମାଆଙ୍କ ନାମରେ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ )ପରିଚାଳନା କରେ । ଯେଉଁଠାରେ ୧୮୦୦ଛାତ୍ର ପାଠ ପଢ଼ନ୍ତି ଏବଂ ୬୦ ଶଯ୍ୟା ବିଶିଷ୍ଟ ମୋହିନୀ ଦେବୀ ରୁଙ୍ଗଟା ହସ୍ପିଟାଲ ଉଭୟ ଆରାରିଆ ରେ ଚାଲୁଛି । ଏହି କମ୍ପାନୀ ରାଇରଙ୍ଗପୁର ରେ ଆରଏମପିଏଲ କମ୍ପାନୀ ମାଧ୍ୟମ ରେ ବାର୍ଷିକ ୧୦ ମିଲିୟନ ଟନ କ୍ଷମତା ବିଶିଷ୍ଟ ଏକ ସମନ୍ୱିତ ଇସ୍ପାତ କାରଖାନା ୨୭୦୦କୋଟି ଟଙ୍କା ନିବେଶରେ ଇସ୍ଥାପିତ କରିବାକୁ ଯାଉଛି ଓ ଭବିସତ ରେ ଉତ୍ପାଦନ ବୃଦ୍ଧି କରି ୪.୦ମିଲିୟନ ଟନ ବାର୍ଷିକ ଉତ୍ପାଦନ କରିବାର ଯୋଜନା ରଖିଛି । ଏହା ଛାଡ ୧୯୦ମେଗାଉଆଟ କ୍ୟାପଟିଭ ପକ୍ଷୱାର ପ୍ଲା□ ଇସ୍ଥାପନ କରିବାକୁ ନିଷ୍ପତି ନେଇଛି । କମ୍ପାନୀ ରାଇରଙ୍ଗପୁର ତହସିଲ ଅନ୍ତର୍ଗତ ରାଇରଙ୍ଗପୁର ବ୍ଲକ ର ପୁରୁଣାପାଣି ଗ୍ରାମ ପଞ୍ଚାୟତ ର ଆନନ୍ଦପୁର, ଦାଣ୍ଡବୋଷ ଓ କଣ୍ଟାବଣି ଗ୍ରାମ ରେ ଜମି ଅଧିଗ୍ରହଣ କରିବ । ପ୍ରସ୍ତାବିତ ଇସ୍ପାତ କାରଖାନା ରେ ପେଲେଟ,ଇସ୍ପଞ୍ଜ ଆଇରନ,ପିଗ ଆଇରନ,ବିଲେଟ,ଟିଏମଟିରିବାର ଏବଂ ଡିଆଇ ପାଇପ ଉତ୍ପାଦନ କରାଯିବ । ଆର ଏମପିଏଲ ଦ୍ୱାରା ପ୍ରସ୍ତାବିତ ପ୍ଲାଣ୍ଟ□।ଲିମିଟେଡ଼ (ଆରଏମପିଏଲ )ପାଖାପାଖି ୭୫୦୦ଲୋକଙ୍କୁ ନୟୁକ୍ତି ପ୍ରଦାନ କରିବ ଏବଂ ପୁରୁଣାପାଣି ଗ୍ରାମ ପଞ୍ଚାୟତର ତଥା ଆଖପାଖ ର ଅନ୍ୟ ଗ୍ରାମ ପଞ୍ଚାୟତ ଗୁଡିକର ଗ୍ରାମ ବାସୀଙ୍କୁ ପ୍ରାଥମିକତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବ। ଆରଏମ ପିଏଲ ସରକାରଙ୍କ ସମ୍ପୃକ୍ତ ବିଭାଗ ଗୁଡିକ ସହିତ କାର୍ଯ୍ୟ ଆରମ୍ଭ କରିଛି।

## ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ

# ଜିଲ୍ଲାରେ ଉପକୃତ ହେଲେ ୩ଲକ୍ଷ ୮୦୦ ଜଣ ମହିଳା

ଢେଙ୍କାନାଳ,(ମହାଭାରତ) : ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଆଜି ମଧ୍ୟାହ୍ନରେ ବ୍ରହ୍ମପୁର ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଯୁକ୍ତ ମୋହନ ଚରଣ ମାଝି ରାଜ୍ୟର ପ୍ରାୟ ୧କୋଟି ମହିଳା ହିତାଧିକାରୀଙ୍କ ଜମା ଖାତାରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଅର୍ଥରାଶି ୫ ହଜାର ଟଙ୍କା ଡିବିଟି ମାଧ୍ୟମରେ ବଟନ ଚିପି ପ୍ରଦାନ କରିଛନ୍ତି । ଏହାଦ୍ୱାରା ଜିଲ୍ଲାର ୩ ଲକ୍ଷ ୮ ଶହ ମହିଳା ହିତାଧିକାରୀ ଉପକୃତ ହୋଇଛନ୍ତି । ନାରୀ ଶକ୍ତି ପ୍ରଗତିର ପ୍ରତୀକ । ନାରୀ ମାନଙ୍କ ସୁରକ୍ଷା ଓ ଆର୍ଥିକ ବିକାଶ ଦ୍ୱାରା ରାଜ୍ୟ ତଥା ଦେଶର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ସେଥିପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି ସେ ପ୍ରକାଶ କରିଛନ୍ତି । ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଆଜି ସ୍ଥାନୀୟ ପଲ୍ଲିଶ୍ରୀ ମେଳା ପଡ଼ିଆ ଠାରେ ଉତ୍ସବ ଅନୁଷ୍ଠିତ




ହେଇଥିଲା । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ, ସମସ୍ତ ମା'ମାନଙ୍କୁ ଶୁଭେଚ୍ଛା ଜଣାଇ କନ୍ୟା ସନ୍ତାନ ପ୍ରାପ୍ତି ଅତ୍ୟନ୍ତ ସୁଖଦାୟୀ ଓ ମହ□ପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେୟ ଜିଲ୍ଲାରେ ୧୦୦୦ ପୁଅରେ ୮୮୦ ଝିଅ ଜନ୍ମ ଗ୍ରହଣ କରୁଥିବାରୁ ମାଆମାନେ ଭ୍ରୁଣ ହତ୍ୟାଭଳି ପାପ କାର୍ଯ୍ୟ ଠାରୁ ଦୂରେଇ ରହିବାକୁ ଅନୁରୋଧ କରିଥିଲେ । କନ୍ୟା ସନ୍ତାନ ବୋଝ୍ ନୁହେଁ ପରିବାର ପାଇଁ ଦେବୀ ସ୍ୱରୂପା ଉପହାର ବୋଲି କହିଥିଲେ । ଉତ୍ସବରେ ପୌରପାଳିକାର ଅଧକ୍ଷା ଜୟନ୍ତୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ, ନିଜର ବିକାଶ ନିମନ୍ତେ ଆମେ ନିଜେ ସମସ୍ତେ ପ୍ରୟାସ କରିବାକୁ ପରାମର୍ଶ ନେଇଥିଲେ। ଆର୍ଥିକ କ୍ଷେତ୍ରରେ ସଶକ୍ତ ହେଲେ, ସାମାଜିକ ସ୍ତରରେ ମହିଳାମାନଙ୍କର ସାମଗ୍ରିକ ବିକାଶ ନିଶ୍ଚିତ ବୋଲି ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ମତ ବ୍ୟକ୍ତ କରିଥିଲେ । ଚଳିତବର୍ଷ, ମହିଳା ମାନଙ୍କ ବିକାଶ ନିମନ୍ତେ ଦ୍ରୁତ ଗତିରେ କାର୍ଯ୍ୟକାରିତା ଏ ବର୍ଷର ବାର୍ତ୍ତା ବୋଲି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୀତା ଶର୍ମା କହିଥିଲେ । ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତି ରଂଜନ ସେଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀ ଓ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେୟ ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଖରାଦିନ ପାଇଁ ଟିପିଏସ୍ଓଡିଏଲ୍ ପକ୍ଷରୁ ପ୍ରସ୍ତୁତି

**ବ୍ରହ୍ମପୁର,୮।୩ :** ଚଳିତ ବର୍ଷ ଖରା ଦିନକୁ ଦୃଷ୍ଟିରେ ରଖି ଲୋକଙ୍କୁ ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବା ଉଦ୍ଦେଶ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପକ୍ଷରୁ ବିଭିନ୍ନ ଆଗୁଆ ପଦକ୍ଷେପ ନିଆଯାଉଛି। ଖରା ଦିନେ ବିଦ୍ୟୁତ କାଟ ସମସ୍ୟାକୁ ଏଡ଼ାଇବା ସହ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ପାଇଁ ଟିପିଏସ୍ଓଡିଏଲ୍ ଏହାର ବିଦ୍ୟୁତ ଭିତ୍ତିଭୂମି ଏବଂ ଜରୁରୀକାଳୀନ ରେସପନ୍ସକୁ ସୁଦୃଢ଼ କରୁଅଛି।

ବିଦ୍ୟୁତ ନେଟୱାର୍କରେ ବିଶ୍ୱସନୀୟତା ବୃଦ୍ଧି ପାଇଁ ଟିପିଏସ୍ଓଡିଏଲ୍ ଏହାର ସମସ୍ତ ବିଦ୍ୟୁତ ବିତରଣ ଭିତ୍ତିଭୂମିର ବ୍ୟାପକ ମରାମତି ଓ ରକ୍ଷଣାବେକ୍ଷଣ କାମ କରୁଛି। ଟ୍ରାନ୍ସଫର୍ମର ଏବଂ ଫିଡର୍ ପାଇଁ ଏକ ବ୍ୟବସ୍ଥିତ ଯୋଜନା ପ୍ରସ୍ତୁତ ହେବା ସହ ୩୩ କେଭି ଓ ୧୧ କେଭି ଲାଇନର ସଠିକ୍ କାର୍ଯ୍ୟକାରିତା ସୁନିଶ୍ଚିତ କରାଯାଇଛି। କିଛି ବଡ଼ ସମସ୍ୟା ଉପୁଜିବା ପୂର୍ବରୁ ତ୍ରୁଟି ସୁଧାରିବା ପାଇଁ ବିଭିନ୍ନ ସ୍ଥାନରେ ରକ୍ଷଣାବେକ୍ଷଣ ଟିମ୍ ନିୟୋଜିତ କରାଯାଇଛି। ୨୪x୭ ଘଣ୍ଟା ବିଦ୍ୟୁତ ଉପକରଣରେ ତ୍ରୁଟି ମରାମତି ପାଇଁ ୨୦୦ରୁ ଅଧିକ ରାତ୍ରିକାଳୀନ ବ୍ରେକଡାଉନ୍ ଟିମ୍ ଗଠନ କରାଯାଇଛି। ଯାହା ଫଳରେ ଯଥାଶୀଘ୍ର ଉପଭୋକ୍ତାଙ୍କ ପାଖରେ ବିଜୁଳି ପହଞ୍ଚି ପାରିବ। ଏହାସହ ୩୩ କେଭି ନେଟୱାର୍କର ରକ୍ଷଣାବେକ୍ଷଣ ପାଇଁ କମ୍ପାନୀ ପକ୍ଷରୁ ସ୍ୱତନ୍ତ୍ର ଭାବେ ୨୫୦ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ଏହା ଦ୍ୱାରା ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ସୁରକ୍ଷିତ ଓ ଭରସାଯୋଗ୍ୟ ବିଜୁଳି ଯୋଗାଣକୁ ସୁନିଶ୍ଚିତ କରାଯାଇପାରିବ।

# 'ଚୀନ୍ ଉପରେ ଭରସା କରିହେବନି'

**ନୂଆଦିଲ୍ଲୀ,୮।୩(ଏଜେନ୍ସି):** ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଚୀନ୍ ଏବଂ ପାକିସ୍ତାନକୁ ନେଇ ଦେଛନ୍ତି ବଡ଼ ବୟାନ । ସେ କହିଛନ୍ତି ଯେ, ଚୀନ୍ ଉପରେ ବିଶ୍ୱାସ କରାଯାଇପାରିବ ନାହିଁ । ସେହିପରି ପାକିସ୍ତାନକୁ ନେଇ କହିଛନ୍ତି ଯେ, ଆତଙ୍କବାଦକୁ ରୋକିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଉନାହିଁ । ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଇଣ୍ଡିଆ ଟୁଡେ କନକ୍ଲେଭ ୨୦୨୫ ରେ କହିଛନ୍ତି ଯେ, ଭାରତୀୟ ସେନା ଦ୍ରୁତ ଗତିରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରୁଛି ଏବଂ ପ୍ରତ୍ୟେକ ପରିସ୍ଥିତିର ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଭାରତୀୟ ସେନା ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ସମେତ ନୂତନ ସାମରିକ କ୍ଷମତା ଉପରେ ନିରନ୍ତର କାମ କରୁଛି । ଭାରତ ପାଖରେ ଏପରି ଉନ୍ନତ ଡ୍ରୋନ ଅଛି ଯାହା AK-47 ଚଳାଇପାରିବ ଏବଂ କ୍ଷେପଣାସ୍ତ୍ର ନିକ୍ଷେପ କରିପାରିବ । ଯଦି ଚୀନ୍ ପକ୍ଷରୁ ଡ୍ରୋନ୍ ଆକ୍ରମଣ ହୁଏ, ତେବେ ଭାରତ ମଧ୍ୟ ସମାନ ଶକ୍ତି ସହିତ ଜବାବ ଦେବାକୁ ସମ୍ପୂର୍ଣ୍ଣ ସକ୍ଷମ । ଏଥିସହ ସେ ସ୍ପଷ୍ଟ କରିଛନ୍ତି ଯେ, ଚୀନକୁ ବିଶ୍ୱାସ କରାଯାଇପାରିବ ନାହିଁ । ଯଦିଓ ଯୁଦ୍ଧ କୌଣସି ଦେଶର ସ୍ୱାର୍ଥରେ ନୁହେଁ, କିନ୍ତୁ ଆବଶ୍ୟକ ପଡ଼ିଲେ, ଭାରତୀୟ ସେନା ପୂର୍ଣ୍ଣ ପ୍ରସ୍ତୁତିର ସହିତ ଜବାବ ଦେବାକୁ ସକ୍ଷମ । ପାକିସ୍ତାନ ସମ୍ପର୍କରେ ଜେନେରାଲ ଦ୍ୱିବେଦୀ କହିଛନ୍ତି, ଏହା ଆତଙ୍କବାଦକୁ ରୋକିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଉନାହିଁ । ଏହି କାରଣରୁ ଭାରତୀୟ ସେନାକୁ ସର୍ବଦା ସକ୍ରିୟ ରହିବାକୁ ପଡିବ । ଜମ୍ମୁ ଏବଂ କାଶ୍ମୀରରେ, ଯେଉଁଠାରେ ପୂର୍ବରୁ ଆତଙ୍କବାଦର ବିପଦ ଥିଲା, ଏବେ ସେଠାରେ ପର୍ଯ୍ୟଟନ ସମୃଦ୍ଧ ହେଉଛି । ଆମେ ଆତଙ୍କବାଦରୁ ପର୍ଯ୍ୟଟନ ପର୍ଯ୍ୟନ୍ତ ବହୁତ ଆଗକୁ ଆସିଛୁ ।



# ରାହୁଲଙ୍କ ମାନସିକ ସ୍ଥିତି ବିଗିଡିଯାଇଛି: ସୁଧାଂଶୁ ତ୍ରିବେଦୀ

**ନୂଆଦିଲ୍ଲୀ,୮।୩(ଏଜେନ୍ସି):** ଗୁଜୁରାଟ କଂଗ୍ରେସ ଉପରେ ଦଳୀୟ ନେତା ରାହୁଲ ଗାନ୍ଧୀ ଦେଇଥିବା ବୟାନ ପରେ ରାଜନୀତି ଉଷ୍ମ ହୋଇଛି । ଭାରତୀୟ ଜନତା ପାର୍ଟି (ବିଜେପି) କହିଛି ଯେ ଅନ୍ୟମାନଙ୍କୁ ଦୋଷ ଦେବା ସହିତ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିଜ ଲୋକଙ୍କୁ ମଧ୍ୟ ଦୋଷ ଦେବା ଆରମ୍ଭ କରିଛନ୍ତି । ବିଜେପି ନେତା ସୁଧାଂଶୁ ତ୍ରିବେଦୀ କହିଛନ୍ତି ଯେ କେବଳ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳ ହିଁ ନିଜ ଦଳର ସଦସ୍ୟଙ୍କୁ ସାର୍ବଜନୀନ ଭାବରେ ଅପମାନିତ କରିପାରିବେ । ସେ ପଚାରିଥିଲେ ଯେ ରାହୁଲ ଗାନ୍ଧୀ ବିଦେଶ ଗଲେ କାହାକୁ ଭେଟନ୍ତି । ବିଜେପି ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି, ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦଳ କ୍ଷମତାକୁ ଆସିବା ପରଠାରୁ ଗୁଜରାଟରେ କଂଗ୍ରେସ ଦଳର ଅବସ୍ଥା ଖରାପ ହୋଇଯାଇଛି । ରାହୁଲ ଗାନ୍ଧୀ ବାମପନ୍ଥୀ ଏବଂ ନକ୍ସଲବାଦୀଙ୍କୁ ସମର୍ଥନ କରନ୍ତିଯ ଗଣମାଧ୍ୟମକୁ ଅପବ୍ୟବହାର କରିବା ସହିତ, ରାହୁଲ ଗାନ୍ଧୀ ଏବେ ନିଜ ଦଳର ନେତାମାନଙ୍କୁ ଅପବ୍ୟବହାର କରିବା ଆରମ୍ଭ କରିଛନ୍ତି, ତେଣୁ ମୁଁ କହୁଛି ଯେ ଏହା ରାହୁଲ ଗାନ୍ଧୀଙ୍କ ମାନସିକ ଅବସ୍ଥା ଖରାପ ହେବାର ପରିଣାମ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଦେଶର ଗୃହମନ୍ତ୍ରୀ ଥିବା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସବୁଠାରୁ ଉଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ, କିନ୍ତୁ ଆଜି ପର୍ଯ୍ୟନ୍ତ କଂଗ୍ରେସରୁ କେହି ଏହାକୁ ଦେଖିବାକୁ ଯାଇନାହାଁନ୍ତି । ରାହୁଲ ଗାନ୍ଧୀ କହୁଛନ୍ତି ଯେ ତାଙ୍କର କିଛି ନେତା ଶିକୁଳିରେ ବନ୍ଧା ହୋଇଛନ୍ତି । ଯଦି ପରିବାରବାଦର ଶୃଙ୍ଖଳ ନ ଥାଆନ୍ତା, ତେବେ ଅନେକ ଲୋକ ଦଳ ଛାଡିବାକୁ ଇଚ୍ଛୁକ ହୋଇଥାଆନ୍ତେ । ବାସ୍ତବରେ ଲୋକସଭାରେ ବିରୋଧୀ ଦଳ ନେତା ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁଜୁରାଟ ଗସ୍ତରେ ଅଛନ୍ତି । ଅହମ୍ମଦାବାଦରେ କଂଗ୍ରେସ କର୍ମୀମାନଙ୍କୁ ସମ୍ବୋଧିତ କରିବା ସମୟରେ ସେ କହିଥିଲେ ଯେ ଯେଉଁମାନେ ଦଳର ବିଚାରଧାରା ବିରୁଦ୍ଧରେ କାମ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିବ । ସେ କହିଛନ୍ତି ଯେ କଂଗ୍ରେସରେ ଦୁଇ ପ୍ରକାରର ଲୋକ ଅଛନ୍ତି, ଜଣେ ଯେଉଁମାନେ ଦଳର ବିଚାରଧାରା ପ୍ରତି ପ୍ରତିବଦ୍ଧ ଏବଂ ଲୋକଙ୍କ ପାଇଁ କାମ କରୁଛନ୍ତି ଏବଂ ଦ୍ୱିତୀୟ ଯେଉଁମାନେ ଭାରତୀୟ ଜନତା ପାର୍ଟି (ବିଜେପି) ସହିତ ସମ୍ପର୍କ ରଖିଛନ୍ତି ।

# ଟୟୋଟା ପକ୍ଷରୁ ମହିଳା ଦିବସ

**ନୂଆଦିଲ୍ଲୀ,୮।୩(ଏଜେନ୍ସି):** ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ, ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ) ଲିଙ୍ଗ ବିବିଧତାକୁ ପ୍ରୋତ୍ସାହିତ କରିବା ଏବଂ ଅଟୋମୋଟିଭ୍ ଶିଳ୍ପରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରୁଛି। ଶିଳ୍ପରେ ଲିଙ୍ଗ ପ୍ରତିବନ୍ଧକ ଗୁଡ଼ିକୁ ଭାଙ୍ଗିବା ପାଇଁ ଏହାର ନିରନ୍ତର ପ୍ରୟାସର ଏକ ଅଂଶ ଭାବରେ, ଟିକେଏମ ଉତ୍ପାଦନ, ବୈଷୟିକ ଏବଂ ନେତୃତ୍ୱ ଭୂମିକାରେ ମହିଳାମାନଙ୍କୁ ସମର୍ଥନ କରୁଥିବା ନୀତି ଏବଂ ଭିତିଭୂମିକୁ ପ୍ରାଥମିକତା ଦେଇ ଚାଲିଛି। ୨୦୨୩୦ ସୁଦ୍ଧା ୩୦% ମହିଳା ପ୍ରତିନିଧିତ୍ୱ ହାସଲ କରିବା ଲକ୍ଷ୍ୟରେ, ଟିକେଏମ ସଂଗଠନ ମଧ୍ୟରେ ମହିଳାମାନଙ୍କୁ ସମର୍ଥନ ଏବଂ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ କରିଛି। ଏହି ବର୍ଷର ମହିଳା ଦିବସର ବିଷୟବସ୍ତୁ, ଆସିଲରେଟ୍ ଆକ୍ସନ ପ୍ରତିଭାକୁ ପୋଷଣ କରୁଥିବା, ଅନ୍ତର୍ଭୁକ୍ତିକରଣକୁ ଗ୍ରହଣ କରୁଥିବା ଏବଂ ଉତ୍ପାଦନ କ୍ଷେତ୍ରରେ ପ୍ରତିବନ୍ଧକଗୁଡ଼ିକୁ ଦୂର କରୁଥିବା ଟିକେଏମର ଦୃଷ୍ଟିକୋଣ ସହିତ ସମନ୍ୱିତ। ମହିଳାଙ୍କ ଅମୂଲ୍ୟ ଅବଦାନକୁ ସ୍ୱୀକାର କରିବା ପାଇଁ, ଟିକେଏମ ୫୦ ରୁ ଅଧିକ ମହିଳା କର୍ମଚାରୀଙ୍କୁ ଏକତ୍ରିତ କରି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବ। ଏହି କାର୍ଯ୍ୟକ୍ରମରେ ନେତୃତ୍ୱ ଆଲୋଚନା, ପ୍ୟାନେଲ୍ ଅଧିବେଶନ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଉଲ୍ଲେଖନୀୟ ଅବଦାନର ସ୍ୱୀକୃତି ପ୍ରଦାନ କରାଯିବ। ଏହି ଅବସରରେ ଟୟୋଟା କିର୍ଲୋସ୍କର ମୋଟରର ଅର୍ଥ ଏବଂ ପ୍ରଶାସନର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଜି ଶଙ୍କରା କହିଲେ, ଟୟୋଟା କିର୍ଲୋସ୍କର ମୋଟର ବିଶ୍ୱାସ କରୁ ଯେ, ବିବିଧତା କେବଳ ଏକ ମାପଦଣ୍ଡ ନୁହେଁ ବରଂ ନବସୃଜନ ଏବଂ ପ୍ରଗତି ପାଇଁ ଏକ ମାଧ୍ୟମ। ଏକ ଅନ୍ତର୍ଭୁକ୍ତ କର୍ମକ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଆମର ପ୍ରତିବଦ୍ଧତା ନୀତିଠାରୁ ଅଧିକ। ଏହା ଏପରି ଏକ ପରିବେଶ ସୃଷ୍ଟି କରିବା ବିଷୟରେ ଯେଉଁଠାରେ ମହିଳାମାନେ ଉନ୍ନତି କରିପାରିବେ, ନେତୃତ୍ୱ ନେଇପାରିବେ ଏବଂ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେଇପାରିବେ।

# ୟୁକ୍ରେନ୍ ରାଷ୍ଟ୍ରପତିଙ୍କୁ ଗାଦିଚ୍ୟୁତ ଯୋଜନା

**ୱାଶିଂଟନ,୮।୩(ଏଜେନ୍ସି):** ହ୍ୱାଇଟ୍ ହାଉସର ଓଭାଲ୍ ଅଫିସରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ ମୁହାଁମୁହିଁ ଯୁକ୍ତିତର୍କ ହେବା ପରଠାରୁ ରକ୍ତ ଚଉଳ ଚୋବାଉଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଜେଲେନସ୍କିଙ୍କୁ ଗାଦିଚ୍ୟୁତ ଲାଗି ସେ ଭିତିରି ଷଡ଼ଯନ୍ତ୍ର ଚଳାଇଛନ୍ତି । ଏଥିଲାଗି ସ୍ୱତନ୍ତ୍ର ଟିମ୍ ଗଢିଛନ୍ତି । ଟ୍ରମ୍ପଙ୍କ ଟିମ୍ ୟୁକ୍ରେନର ବିରୋଧୀ ଦଳ ନେତାମାନଙ୍କ ସହ ଗୁପ୍ତ ମନ୍ତ୍ରଣା ଚଳାଇଛି । ନିୟମିତ ବ୍ୟବଧାନରେ ଉଭୟ ପରସ୍ପର ସହ ଚର୍ଚ୍ଚା କରୁଛନ୍ତି । ୟୁକ୍ରେନର ବିରୋଧୀ ଦଳ ନେତ୍ରୀ ୟୁଲିୟା ଟିମୋଶେଙ୍କୋ ଓ ପୂର୍ବତନ ରାଷ୍ଟ୍ରପତି ପେଟ୍ରୋ ପୋରୋଶେଙ୍କୋଙ୍କ ଦଳର ବରିଷ୍ଠ ସଦସ୍ୟଙ୍କ ସହ ଟ୍ରମ୍ପ ଟିମ୍ ଚର୍ଚ୍ଚା କରିଛି । ୟୁକ୍ରେନରେ ଶୀଘ୍ର ନିର୍ବାଚନ କରାଇବାକୁ ବୈଠକରେ ଜୋର ଦିଆଯାଉଛି । ରାଷ୍ଟ୍ରପତି ଟ୍ରମ୍ପ ବର୍ତ୍ତମାନ ଦୁଇଟି ଦିଗକୁ ନେଇ ୟୁକ୍ରେନରେ ସରକାର ବଦଳାଇବାକୁ ଚିନ୍ତା କରୁଛନ୍ତି । ପ୍ରଥମତଃ ସେଠାକାର କୌଣସି ବିରୋଧୀ ନେତାଙ୍କୁ ଗାଦିରେ ବସାଇବେ । ଯଦି ସମ୍ଭବ ନ ହୁଏ, ବାହାରୁ କୌଣସି ୟୁକ୍ରେନୀୟ ନେତାଙ୍କୁ ନେଇ ସେଠାରେ କ୍ଷମତାସୀନ କରାଇବେ । କୁହାଯାଉଛି ଯେ ଲଣ୍ଡନରେ ଅବସ୍ଥାପିତ ୟୁକ୍ରେନୀୟ ରାଷ୍ଟ୍ରଦୂତଙ୍କୁ ଏହି କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ ହେବାକୁ କୁହାଯାଇଛି । ନିକଟରେ ଏହାର ସଂକେତ ବି ମିଳିଥିଲା । ଜେଲେନସ୍କି ଯେତେବେଳେ ଆମେରିକା ଗସ୍ତ ସାରି ଲଣ୍ଡନରେ ପହଞ୍ଚିଥିଲେ, ସେଠାରେ ତାଙ୍କୁ ୟୁକ୍ରେନୀୟ ରାଷ୍ଟ୍ରଦୂତ ସ୍ୱାଗତ ପାଇଁ ପହଞ୍ଚି ନ ଥିଲେ । ଟ୍ରମ୍ପଙ୍କ ନଜର ୟୁକ୍ରେନର ଦୁଇଜଣ ବଡ଼ ବିରୋଧୀ ନେତାଙ୍କ ଉପରେ ରହିଛି । ଜଣେ ହେଲେ ୟୁକ୍ରେନର ବିରୋଧୀ ଦଳ ନେତ୍ରୀ ୟୁଲିୟା ଟିମୋଶେଙ୍କୋ ଜଣେ ଅଭିଜ୍ଞସମ୍ପନ୍ନ ରାଜନେତା । ସେ ଦୁଇଥର ପ୍ରଧାନମନ୍ତ୍ରୀ ରହିଥିଲେ ଏବଂ ଦୀର୍ଘଦିନ ହେଲା ରାଷ୍ଟ୍ରପତି ପଦ ଉପରେ ତାଙ୍କ ଆଖି ରହିଛି । ସେହିଭଳି ଅନ୍ୟ ଜଣେ ହେଲେ 'ଚକ୍ଲେଟ୍ କିଙ୍ଗ୍' ନାମରେ ପରିଚିତ ୟୁକ୍ରେନର ପୂର୍ବତନ ରାଷ୍ଟ୍ରପତି ତଥା ଅରବପତି ପେଟ୍ରୋ ପୋରୋଶେଙ୍କୋ । ସେ ଜେଲେନସ୍କିଙ୍କର ଜଣେ ବଡ଼ ସମାଲୋଚକ । କିନ୍ତୁ ସେ ମଧ୍ୟ ଯୁଦ୍ଧବିରତି ପୂର୍ବରୁ ନିର୍ବାଚନ କରାଇବା ସପକ୍ଷରେ ନାହାନ୍ତି। ତେଣୁ ଟ୍ରମ୍ପ କେଉଁ ରଣନୀତି ଆପଣାଇ ୟୁକ୍ରେନରେ ସରକାର ବଦଳାଇ ନିଜ ରାଗ ଶାନ୍ତ କରିବେ, ତାହା ଉପରେ ନଜର ରହିଛି । ଅନ୍ୟପକ୍ଷରେ ରୁଷକୁ ନେଇ ଆମେରିକା ରାଷ୍ଟ୍ରପତି ଭିନ୍ନ ବୟାନ ଦେଇଛନ୍ତି । ସେ ସିଧାସଳଖ ଚେତାବନୀ ଦେଇ କହିଛନ୍ତି, ୟୁକେନରେ ଯୁଦ୍ଧ ବନ୍ଦ ଲାଗି ରୁଷ୍ ଚୁକ୍ତି କରିବା ଆବଶ୍ୟକ । ଯଦି ଏଭଳି ନ ହୁଏ, ତେବେ ରୁଷ୍ ଉପରେ ଆହୁରି ଆର୍ଥିକ କଟକଣା ଲାଗୁ କରାଯିବ । ନୂଆ ଟାରିଫ୍ ବି ଲାଗୁ କରାଯାଇପାରେ ।



# ଜେଲରୁ ମୁକୁଳିଲେ ଦକ୍ଷିଣ କୋରିଆ ରାଷ୍ଟ୍ରପତି

**ସିଓଲ,୮।୩(ଏଜେନ୍ସି):** ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟୁଲ୍ ଶନିବାର ଜେଲରୁ ମୁକ୍ତ ହୋଇଛନ୍ତି । ଶୁକ୍ରବାର ଦକ୍ଷିଣ କୋରିଆର ଏକ ଅଦାଲତ ତାଙ୍କ ମୁକ୍ତି ଆବେଦନକୁ ଗ୍ରହଣ କରି ରାଷ୍ଟ୍ରପତିଙ୍କୁ ଜେଲରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ, ମହାଭିଯୋଗର ସମ୍ମୁଖୀନ ହୋଇଥିବା ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ-ୟେଓଲ୍ ଶନିବାର ଜେଲରୁ ମୁକୁଳିଛନ୍ତି । ଜେଲରୁ ବାହାରିବା ପରେ ୟୁନ୍ ନିଜ ସମର୍ଥକଙ୍କୁ ହାତ ହଲାଇ ଓ ମୁଣ୍ଡ ନୁଆଁଇ ଶୁଭେଚ୍ଛା ଜଣାଇଥିଲେ । ଏହାର ଗୋଟିଏ ଦିନ ପୂର୍ବରୁ ଦେଶର ଏକ ଅଦାଲତ ୟୁନ୍ ଙ୍କୁ ଜେଲରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେବା ସହ ତାଙ୍କ ଗିରଫଦାରୀକୁ ରଦ୍ଦ କରିଥିଲେ । ଅଦାଲତଙ୍କ ଏହି ନିଷ୍ପତ୍ତି ୟୁନଙ୍କୁ ତାଙ୍କ ବିରୋଧରେ ଥିବା ଅଭିଯୋଗ ପାଇଁ ମାମଲା ଚଳାଇବାକୁ ଅନୁମତି ଦେଇଥିଲା । ଗତ ବର୍ଷ ଶେଷରେ 'ମାର୍ଶାଲ ଲ' ଲାଗୁ କରିବା ଅଭିଯୋଗରେ ୟୁନଙ୍କୁ ଜାନୁଆରୀରେ ଗିରଫ କରାଯାଇଥିଲା ଏବଂ ତାଙ୍କ ବିରୋଧରେ ମହାଭିଯୋଗ କରାଯାଇଥିଲା ।



# ଯୁଦ୍ଧ ପାଇଁ ଆମେ ପ୍ରସ୍ତୁତ ଅଛୁ:ଆମେରିକା

**ନୂଆଦିଲ୍ଲୀ,୮।୩(ଏଜେନ୍ସି):** ଚୀନ୍ ଉପରେ ଆମେରିକା ଟାରିଫ୍ ଲଗାଇବା ପରେ ଚିହିଁକି ଉଠିଛି ଚୀନ୍ । ଏକପ୍ରକାର ଟାରିଫ୍ ୱାରର ଧମକ ଦେଇଛି ଚୀନ୍ । ଯାହାର ପ୍ରତିକ୍ରିୟାରେ ଆମେରିକା କହିଛି ଯୁଦ୍ଧ ପାଇଁ ଆମେ ପ୍ରସ୍ତୁତ ଅଛୁ । ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ଏକ ବିବୃତ୍ତିରେ କହିଛନ୍ତି, ଆମେରିକା ଚୀନ୍ ସହିତ ଶୁଳ୍କ ଏବଂ ବାଣିଜ୍ୟ ଯୁଦ୍ଧ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ତାଙ୍କର ଏହି ବୟାନ ଦୁଇ ଦେଶ ମଧ୍ୟରେ କିଛି ଦିନ ଧରି ଚାଲିଥିବା ବାଣିଜ୍ୟିକ ଉତ୍ତେଜନାକୁ ଆହୁରି ବୃଦ୍ଧି କରିଛି । ହେଗସେଥ୍ ସ୍ପଷ୍ଟ ଭାବରେ କହିଛନ୍ତି, ଯେଉଁମାନେ ଶାନ୍ତି ଚାହାଁନ୍ତି ସେମାନଙ୍କୁ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ ପଡିବ । ବାଣିଜ୍ୟ ବିବାଦ ମଧ୍ୟରେ ଏହି ବିବୃତ୍ତି ଆସିଛି । ଯେଉଁଠାରେ ଚୀନ୍ ଏବଂ ଆମେରିକା ମଧ୍ୟରେ ଟାରିଫ୍ ଧମକ ଏବଂ ବାଣିଜ୍ୟ ପ୍ରତିବନ୍ଧକକୁ ନେଇ ବିବାଦ ଜାରି ରହିଛି । ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ହେଗସେଥ୍ କହିଛନ୍ତି, ଆମେରିକା ଶାନ୍ତି ଏବଂ ସହଯୋଗ ଦିଗରେ ଆଗକୁ ବଢ଼ିବାକୁ ଚାହୁଁଛି, କିନ୍ତୁ ଆବଶ୍ୟକ ହେଲେ, ଆମେରିକା ତା'ର ସ୍ୱାର୍ଥକୁ ସୁରକ୍ଷା ଦେବାକୁ ପ୍ରସ୍ତୁତ ରହିବ ଯଟ୍ରମ୍ପ ପ୍ରଶାସନ ଚୀନରୁ ଆସୁଥିବା ସାମଗ୍ରୀ ଉପରେ ୨୦ ପ୍ରତିଶତ ଶୁଳ୍କ ଲଗାଇବାକୁ ନିଷ୍ପତ୍ତି ନେବା ପରେ ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ବିବାଦ ଆହୁରି ତୀବ୍ର ହୋଇଥିଲା । ଏହାର ଜବାବରେ, ଚୀନ୍ ମଧ୍ୟ ଆମେରିକାରୁ ରପ୍ତାନି ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି କରିଥିଲା, ଯାହା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ବିବାଦକୁ ଆହୁରି ତୀବ୍ର କରିଛି । ଫେଣ୍ଟାନିଲ୍ ପ୍ରସଙ୍ଗରେ ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ କରାଯାଇଥିବା ଶୁଳ୍କ ଉପରେ ଆମେରିକାରେ ଚୀନ୍ ଦୂତାବାସ ପ୍ରତିକ୍ରିୟା ପ୍ରକାଶ କରିଥିଲା । ଚୀନ୍ ଦୂତାବାସ ଟ୍ୱିଟରରେ ପୋଷ୍ଟ କରି ଜୋର ଦେଇଛି ଯେ, ଏହି ସମସ୍ୟାର ସମାଧାନ ପାଇଁ ଆମେରିକା ଚୀନ୍ ସହିତ ଆଲୋଚନା କରିବା ଉଚିତ । ଯଦି ଆମେରିକା ପ୍ରକୃତରେ ଫେଣ୍ଟାନିଲ୍ ସମସ୍ୟାର ସମାଧାନ କରିବାକୁ ଚାହୁଁଛି, ତେବେ ଠିକ୍ କାମ ହେଉଛି ପରସ୍ପରକୁ ସମାନ ଭାବରେ ବ୍ୟବହାର କରି ଚୀନ୍ ସହିତ ଆଲୋଚନା କରିବା । ଯଦି ଆମେରିକା ଯୁଦ୍ଧ ଚାହୁଁଛି, ସେ ଟାରିଫ୍ ଯୁଦ୍ଧ ହେଉ, ବ୍ୟବସାୟୀକ ଯୁଦ୍ଧ ହେଉ ଅବା ଅନ୍ୟ କୌଣସି ପ୍ରକାରର ଯୁଦ୍ଧ ହେଉ । ଆମେ ସବୁ ପ୍ରକାର ଯୁଦ୍ଧ ପାଇଁ ପ୍ରସ୍ତୁତ ଅଛୁ ।

# 'ରାହୁଲ ଗାନ୍ଧୀ ମୋତେ ଭେଟନ୍ତି ନାହିଁ, ସେ ମୋତେ ପସନ୍ଦ କରନ୍ତିନି'

**ନୂଆଦିଲ୍ଲୀ,୮।୩(ଏଜେନ୍ସି):** ଚର୍ଚ୍ଚାରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମଣିଶଙ୍କର ଆୟାର । ଏକ ୟୁଟ୍ୟୁବ୍ ଚ୍ୟାନେଲକୁ ଦେଇଥିବା ସାକ୍ଷାତକାରରେ ସେ ପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଶିକ୍ଷାଗତ ଯୋଗ୍ୟତା ନେଇ ମନ୍ତବ୍ୟ ରଖିଛନ୍ତି । ଯାହା ଏବେ ଚର୍ଚ୍ଚା ସୃଷ୍ଟି କରିଛି । ଏଥିସହ ଏହି ଇଣ୍ଟରଭ୍ୟୁରେ ସେ ଗାନ୍ଧୀ ପରିବାର ସହ ତାଙ୍କର ସମ୍ପର୍କକୁ ନେଇ ମଧ୍ୟ ବହୁତ କିଛି ଖୁଲାସା କରିଛନ୍ତି । ଏକ YouTube ପୋର୍ଟାଲକୁ ଦିଆଯାଇଥିବା ସାକ୍ଷାତକାରରେ, ଯେତେବେଳେ ମଣିଶଙ୍କରଙ୍କୁ ଗାନ୍ଧୀ ପରିବାର ସହିତ ତାଙ୍କ ସମ୍ପର୍କ ବିଷୟରେ ପଚରାଗଲା, ସେ କହିଥଲେ, 'ବନ୍ଧୁତା ଜାରି ରହିଛି । ସେମାନେ ମୋତେ ଶତ୍ରୁ ଭାବରେ ଦେଖନ୍ତି ନାହିଁ, କିନ୍ତୁ ରାହୁଲ ଗାନ୍ଧୀ ଭାବନ୍ତି ଯେ ମୁଁ ବହୁତ ବୃଦ୍ଧ । ହେଲେ ସେ ଏହା ଉପରେ ଆପତ୍ତି ପ୍ରକାଶ କରନ୍ତି ବୋଲି ସେ ଏହି ଇଣ୍ଟରଭ୍ୟୁରେ ଖୁଲାସା କରିଛନ୍ତି । ଏହାବାଦ୍, ରାହୁଲ ଗାନ୍ଧୀ କାହିଁକି ତାଙ୍କଠାରୁ ପରାମର୍ଶ ନେବାକୁ ଚାହୁଁନାହାଁନ୍ତି, ସେନେଇ ମଧ୍ୟ ପ୍ରଶ୍ନ କରିଛନ୍ତି ମଣିଶଙ୍କର ଆୟାର । ମଣିଶଙ୍କର ଆୟାରଙ୍କୁ, ଯେତେବେଳେ ପଚରାଗଲା ଯେ, ସେ ରାହୁଲ ଗାନ୍ଧୀଙ୍କ ମାର୍ଗଦର୍ଶନରେ ସାହାଯ୍ୟ କରିବାକୁ ଏବଂ ଦଳକୁ ପୁନର୍ଜୀବିତ କରିବାକୁ ପ୍ରସ୍ତୁତ କି ? ଏହି ସମୟରେ ସେ କହିଥିଲେ, ମୁଁ ରାହୁଲଙ୍କୁ ୨୦ ବର୍ଷ ହେଲା ମାର୍ଗଦର୍ଶନ କରିବାକୁ ପ୍ରସ୍ତୁତ, କିନ୍ତୁ ସେ ତାହା ଚାହାଁନ୍ତି ନାହିଁ। ସେମାନେ ମୋତେ ନାପସନ୍ଦ କରନ୍ତି ଏବଂ ମୁଁ କିଏ ଯେ ସେମାନଙ୍କ ଉପରେ ମୋର ମତାମତ ଲଦିବି ? ଆୟର ଆହୁରି ମଧ କହିଛନ୍ତି ଯେ, ସେ ଆଶା କରୁଛନ୍ତି ଯେ କିଛି ଲୋକ ତାଙ୍କ ବିଷୟରେ ଅଭିଯୋଗ କରିବା ପାଇଁ ରାହୁଲ ଗାନ୍ଧୀଙ୍କ ପାଖକୁ ଯିବେ ଏବଂ ଏହା ତାଙ୍କୁ ତାଙ୍କ ମନ୍ତବ୍ୟ ଉପରେ ଦୃଷ୍ଟି ଦେବାକୁ ବାଧ୍ୟ କରିବ । ଏହା ବ୍ୟତୀତ, ଯେତେବେଳେ ତାଙ୍କୁ ପଚରାଗଲା ଯେ ସେ ମତଭେଦ ସମାଧାନ ପାଇଁ ବ୍ୟକ୍ତିଗତ ଭାବରେ ରାହୁଲ ଗାନ୍ଧୀଙ୍କୁ କାହିଁକି ଭେଟୁନାହାଁନ୍ତି, ସେ କହିଥିଲେ, ଯଦି ସେ ମୋତେ ଭେଟୁନାହାଁନ୍ତି ତେବେ ମୁଁ ତାଙ୍କୁ କିପରି ଭେଟିବି ? ୨୦୦୪ ମସିହାର ଏକ ଘଟଣା ବର୍ଣ୍ଣନା କରି ସେ କହିଥିଲେ, ଥରେ ମୋ ସ୍ତ୍ରୀ ସୁନିତା ରାହୁଲଙ୍କୁ ମୋ କଥା ନ ଶୁଣିବାକୁ କହିଥିଲେ । ତେଣୁ ରାହୁଲ ଉତ୍ତର ଦେଲେ, ମୁଁ ସବୁବେଳେ ତାଙ୍କ କଥା ଶୁଣିବି । କାରଣ ସେ ମୋ ବାପାଙ୍କର ବନ୍ଧୁ ଏବଂ ମୋ ବାପା ସବୁବେଳେ ତାଙ୍କ କଥା ଶୁଣୁଥିଲେ । କିନ୍ତୁ ଏବେ ସେ ମୋତେ ଭେଟନ୍ତି ନାହିଁ ଏବଂ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ମୋତେ ଭେଟନ୍ତି ନାହିଁ ବୋଲି ସେ କହିଛନ୍ତି । ଯାହାକୁ ନେଇ ଏବେ ରାଜନୀତି ସରଗରମ ହେଇଛି ।



# ୭୪୦ ପଏଣ୍ଟ ବଢ଼ିଲା ସେନ୍ସେକ୍ସ

**ମୁମ୍ବାଇ,୮।୩(ଏଜେନ୍ସି):** ଲଗାତାର ୧୦ଟି କାରବାର ଦିନରେ ତଳକୁ ଖସୁଥିବା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସରେ ସୁଧାର ଘଟିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁଳ୍କ ଜରିଆରେ ବାଣିଜ୍ୟ ଲଢେ ଆରମ୍ଭ କରିବା ପରେ ଷ୍ଟକ୍ ବଜାର ଅସ୍ଥିର ରହିବ ବୋଲି ଆଶା କରାଯାଉଥିଲା । କିନ୍ତୁ ବୁଧବାର ତାହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ନିବେଶକମାନେ ବିଭିନ୍ନ କମ୍ପାନିରେ ନିବେଶ କରିବାରୁ ସେନ୍ସେକ୍ସ ୭୪୦ ପଏଣ୍ଟ ବୃଦ୍ଧି ପାଇ ୭୩,୭୩୦ ପଏଣ୍ଟରେ ବନ୍ଦ ହୋଇଛି । ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୧୦ ଦିନ ତଳକୁ ଖସିବା ପରେ ଆଜି ଉପରକୁ ଉଠିଛି। ନିଫ୍ଟି ୨୫୪ ପଏଣ୍ଟ ବୃଦ୍ଧି ପାଇ ୨୨,୩୩୭ ପଏଣ୍ଟରେ ବନ୍ଦ ହୋଇଛି । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଆଦାନୀ ପୋର୍ଟସ୍, ଟାଟା ଷ୍ଟିଲ୍, ପାୱାର ଗ୍ରିଡ୍, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଏନ୍ଟିପିସି, ଟେକ୍ ମହିନ୍ଦ୍ରା, ଟାଟା ମୋଟର୍ସ, ଆଇଟିସି, ନେସ୍ଲେ ଇଣ୍ଡିଆ, ଏଚ୍ସିଏଲ୍ ଟେକ୍ନୋଲୋଜିସ୍, ଭାରତୀ ଏୟାରଟେଲ୍, ଷ୍ଟେଟ୍ ବ୍ୟାଙ୍କ, ଏସିଆନ୍ ପେଣ୍ଟ୍ସ ଓ କୋଟକ୍ ମହିନ୍ଦ୍ରା ବ୍ୟାଙ୍କର ସେୟାର ମୂଲ୍ୟ ବଢିଛି । ବୁଧବାର ଟଙ୍କା ପାଇଁ ମଧ୍ୟ ଏକ ଭଲ ଦିନ ସାବ୍ୟସ୍ତ ହୋଇଛି ।

# ପ୍ଲାଟିନମ୍ ମିଶ୍ରଧାତୁ ନାଁରେ ସୁନା ଆମଦାନୀ ନିଷିଦ୍ଧ

**ନୂଆଦିଲ୍ଲୀ,୮।୩(ଏଜେନ୍ସି):** ଟିକସ ବଞ୍ଚାଇବା ଲାଗି ପ୍ଲାଟିନମ୍ ମିଶ୍ରଧାତୁ ନାଁରେ ଦେଶକୁ ବ୍ୟାପକ ସୁନା ଆମଦାନୀ ହେଉଥିଲା । ତାହା ଉପରେ ରୋକ ଲଗାଇବା ଲାଗି ପ୍ଲାଟିନମ୍ ମିଶ୍ରଧାତୁ ଆମଦାନୀକୁ ସରକାର ନିଷିଦ୍ଧ କରିଛନ୍ତି । କେବଳ ୯୯% କିମ୍ବା ତା'ଠାରୁ ଅଧିକ ବିଶୁଦ୍ଧ ପ୍ଲାଟିନମ୍ ଆମଦାନୀ ପାଇଁ ଅନୁମତି ପ୍ରଦାନ କରାଯାଇଛି । ପୂର୍ବରୁ ଦେଶକୁ ଆସୁଥିବା ପ୍ଲାଟିନମ୍ ମିଶ୍ରଧାତୁରେ ନାମକୁ ମାତ୍ର ପ୍ଲାଟିନମ୍ ଓ ସିଂହଭାଗ ସୁନା ରହୁଥିଲା । ଯେହେତୁ ସୁନା ଉପରେ ଆମଦାନୀ ଶୁଳ୍କ ଅଧିକ, ତେଣୁ ନିୟମରେ ଥିବା ଗଳାବାଟକୁ ବ୍ୟବହାର କରି ଦେଶକୁ ବିପୁଳ ପରିମାଣରେ ସୁନା ଅଣାଯାଉଥିଲା । ଆଗକୁ ପ୍ଲାଟିନମ୍ ମିଶ୍ରଧାତୁ ଆମଦାନୀ କରିବା ଲାଗି ବୈଦେଶିକ ବ୍ୟାପାର ମହାନିର୍ଦ୍ଦେଶାଳୟ (ଡିଜିଏଫ୍ଟି)ଠାରୁ ଅନୁମୋଦନ ହାସଲ କରିବାକୁ ପଡ଼ିବ । ପୂର୍ବରୁ ମୁକ୍ତ ବର୍ଗରେ ଥିବା ଏହି ଧାତବ ପଦାର୍ଥର ଆମଦାନିକୁ ନିଷିଦ୍ଧ ବର୍ଗରେ ସାମିଲ କରାଯାଇଛି।

# ନିଜ ପ୍ରତିରକ୍ଷା ବଜେଟ ୭.୨% ବୃଦ୍ଧି କଲା ଚୀନ, ଭାରତ ପାଇଁ ବଢ଼ିବ ଚିନ୍ତା

**ବେଜିଂ,୮।୩(ଏଜେନ୍ସି):** ଚୀନ ୨୦୨୫ ପାଇଁ ନିଜର ସୁରକ୍ଷା ବଜେଟରେ ୭.୨% ବୃଦ୍ଧି କରିଛି, ଯାହା ମୋଟ ୧.୭୮ ଟ୍ରିଲିୟନ୍ ୟୁଆନ୍ (ସାମାନ୍ୟ ୨୪୫.୬୫ ବିଲିୟନ ଡଲାର୍) ପର୍ଯ୍ୟନ୍ତ ପହଞ୍ଚିଛି । ଏହାସହିତ ଲଗାତାର ୮ମ ବର୍ଷ ପାଇଁ ଚୀନ ନିଜର ପ୍ରତିରକ୍ଷା ବଜେଟ ବୃଦ୍ଧି କରିଛି । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଚୀନର ଏହି ବର୍ଦ୍ଧିତ ପ୍ରତିରକ୍ଷା ବଜେଟ୍ ଭାରତ ସହିତ ପଡ଼ୋଶୀ ଦେଶମାନେ ପାଇଁ ବିପଦ ହୋଇପାରେ । ଚୀନ ପୂର୍ବରୁ ନିଜ ସେନାର ଆଧୁନିକୀକରଣରେ ଜୋର ଦେଉଛି ଏବଂ ନୂତନ ଅସ୍ତ୍ରଶସ୍ତ୍ର, ହାଇପରସୋନିକ ମିସାଇଲ୍, ଯୁଦ୍ଧପୋତ ଏବଂ ହାଇ-ଟେକ୍ ସୁରକ୍ଷା ପ୍ରଣାଳୀକୁ ତାଙ୍କର ସେନାରେ ସାମିଲ କରୁଛି । ଚୀନ୍ ପୂର୍ବ ଲଦାଖ, ଅରୁଣାଚଳ ପ୍ରଦେଶ ଓ ସିକ୍କିମରେ ନିଜର ସେନା ଭିତ୍ତିଭୂମିକୁ ଆହୁରି ମଜବୁତ କରିବାର ସମ୍ଭାବନା ରହଛି । ଏହା ସହିତ ଚୀନ ସୀମାରେ ଅଧିକ ସେନା ଓ ଅସ୍ତ୍ରଶସ୍ତ୍ର ମୁତୟନ କରିବାର ଆଶଙ୍କା ରହିଛି । ଏପରି ହେଲେ ଭାରତ ସହ ସୀମା ବିବାଦ ଆହୁରି ବଢିବାର ଆଶଙ୍କା ରହିଛି । କେବଳ ଏତିକି ନୁହେଁ, ଭାରତ ମହାସାଗରରେ ବି ଚୀନ ନିଜର ପତିଆରା ବୃଦ୍ଧି କରିବାକୁ ଉଦ୍ୟମ କରିବ । ଏହା ଭାରତ ପାଇଁ ଆଉ ଏକ ଚୀନ୍ତାର କାରଣ ହୋଇପାରେ ।



## ଭାରତ ଗଲେ ଶୀଘ୍ର ମରିଯିବି

# ପ୍ରତ୍ୟାର୍ପଣ ରୋକିବାକୁ ଆମେରିକାକୁ ଅନୁରୋଧ କଲା ପାକ୍ ଆତଙ୍କବାଦୀ

**ନୂଆଦିଲ୍ଲୀ,୮।୩(ଏଜେନ୍ସି):** ଭାରତ ଛାଡ଼ନି, ମୋ ଉପରେ ଅତ୍ୟାଚାର କରାଯିବ ।୨୬/୧୧ ମୁମ୍ବାଇ ଆକ୍ରମଣର ଅଭିଯୁକ୍ତ ତହୱୁର ରାଣା ଭାରତକୁ ପ୍ରତ୍ୟାର୍ପଣ ଏଡାଇବା ପାଇଁ କୋର୍ଟରେ ଏଭଳି ଆବେଦନ କରିଛି । ରାଣା ଆମେରିକାର ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରି ତା'ର ପ୍ରତ୍ୟାର୍ପଣ ଉପରେ ଜରୁରୀକାଳୀନ ରହିତାଦେଶ ଲଗାଇବାକୁ ଅନୁରୋଧ କରିଛି । ଆମେରିକା ସୁପ୍ରିମକୋର୍ଟରେ ତହୱୁର ରାଣାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନରେ ଲେଖାଯାଇଛି ଯେ, ଯଦି ମୋତେ ଭାରତକୁ ପ୍ରତ୍ୟାର୍ପଣ କରାଯାଏ, ତେବେ ମୋତେ ସେଠାରେ ନିର୍ଯାତନା ଦିଆଯିବ । ମୁଁ ଭାରତରେ ଅଧିକ ଦିନ ବଞ୍ଚି ପାରିବି ନାହିଁ । ପାକିସ୍ତାନୀ ବଂଶୋଦ୍ଭବ ମୁସଲମାନ ହୋଇଥିବାରୁ ମୋତେ ଭାରତରେ ବହୁତ ହଇରାଣ କରାଯିବ । ହ୍ୟୁମାନ୍ ରାଇଟ୍ସ ୱାଚ୍ ୨୦୨୩ ୱାର୍ଲ୍ଡ ରିପୋର୍ଟରେ କୁହାଯାଇଛି ଯେ, ଭାରତର ବିଜେପି ସରକାର ମୁସଲମାନମାନଙ୍କ ପ୍ରତି ଭେଦଭାବ କରୁଛି । ଭାରତ ସରକାର କ୍ରମଶଃ ଏକଛତ୍ରବାଦୀ ହେବାରେ ଲାଗିଛି ଏବଂ ମୋତେ ଭାରତ ସରକାରଙ୍କୁ ହସ୍ତାନ୍ତର କଲେ ମୁଁ ନିର୍ଯାତନାର ଶିକାର ହେବି । ମୁଁ ଅନେକ ପ୍ରକାରର ରୋଗରେ ପୀଡିତ । ମୋତେ ଏପରି ସ୍ଥାନକୁ ପଠାଯିବା ଉଚିତ ନୁହେଁ ଯେଉଁଠାରେ ମୋତେ ଜାତୀୟ, ଧାର୍ମିକ ଏବଂ ସାଂସ୍କୃତିକ ଆଧାରରେ ଟାର୍ଗେଟ କରାଯିବ । ଉଲ୍ଲେଖଯୋଗ୍ୟ, ତହୱୁର ରାଣା ପାକିସ୍ତାନରେ ଜନ୍ମଗ୍ରହଣ କରିଥିଲା । ସେ ଆର୍ମି ମେଡିକାଲ କଲେଜରେ ପାଠପଢ଼ିବା ପରେ ୧୦ ବର୍ଷ ଧରି ପାକିସ୍ତାନ ସେନାରେ ଡାକ୍ତର ଭାବରେ କାର୍ଯ୍ୟ କରିଥିଲା । କିନ୍ତୁ ତହୱୁର ରାଣାକୁ ତା'ର କାମ ପସନ୍ଦ ଆସିନଥିବାରୁ ସେ ଏହି ଚାକିରି ଛାଡିଦେଇଥିଲା । ୨୦୦୬ ରୁ ନଭେମ୍ବର ୨୦୦୮ ପର୍ଯ୍ୟନ୍ତ, ତହୱୁର ରାଣା ପାକିସ୍ତାନରେ ଡେଭିଡ ହେଡଲି ଏବଂ ଅନ୍ୟମାନଙ୍କ ସହିତ ମିଶି ଭାରତ ଉପରେ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରିଥିଲା । ଆକ୍ରମଣ ପରେ ସେ ବିଦେଶ ଚାଲିଯାଇଥିଲା ।



# ଆଜି ଭାରତ - ନ୍ୟୁଜିଲାଣ୍ଡ ଚାମ୍ପିଅନ୍ସ ଟ୍ରଫି ଲଢ଼େଇ



**ଦୁବାଇ,୮।୩ (ଏଜେନ୍ସି):** ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଆସନ୍ତାକାଲି ଭାରତ ଓ ନ୍ୟୁଜିଲ୍ୟାଣ୍ଡ ଲଢେଇ କରିବେ। ଏହି ମ୍ୟାଚ୍ ଉପରେ ପୂରା ବିଶ୍ୱର ନଜର ରହିଛି। ମ୍ୟାଚ୍ ପାଇଁ ସବୁ ପ୍ରସ୍ତୁତି ଶେଷ ହୋଇଛି। ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମର କେଉଁ ପିଚରେ ମ୍ୟାଚ୍ ଖେଳାଯିବ, ତା'ର ନିଷ୍ପତ୍ତି ମଧ୍ୟ ହୋଇ ସାରିଛି। ଭାରତ ୧୨ ବର୍ଷ ପରେ ଓ ନ୍ୟୁଜିଲ୍ୟାଣ୍ଡ ୨୫ ବର୍ଷ ପରେ ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛି।

ଭାରତ ଗ୍ରୁପ ପର୍ଯ୍ୟାୟରେ ଗୋଟିଏ ଥର ନ୍ୟୁଜିଲ୍ୟାଣ୍ଡକୁ ହରାଇ ସାରିଛି। ସେହିପରି ଦୁବାଇରେ ଦଳ କ୍ରମାଗତ ୪ଟି ମ୍ୟାଚ୍ ମଧ୍ୟ ଜିତିଛି। ତେଣୁ ନ୍ୟୁଜିଲ୍ୟାଣ୍ଡ ତୁଳନାରେ ଭାରତର ପଲ୍ଲା ଫାଇନାଲରେ ଭାରୀ ରହିଥିବା କୁହାଯାଉଛି। କିନ୍ତୁ ଆସନ୍ତାକାଲି ରୋହିତ ଶର୍ମାଙ୍କ ଟିମ ଇଣ୍ଡିଆକୁ ଫାଇନାଲରେ ନ୍ୟୁଜିଲ୍ୟାଣ୍ଡ ବ୍ୟତୀତ ରବିବାର ସହ ମଧ୍ୟ ଲଢିବାକୁ ପଡ଼ିବ।

ଅନ୍ଧବିଶ୍ୱାସୀ ଫ୍ୟାନ୍ସ ଆସନ୍ତାକାଲି ରବିବାର ହୋଇଥିଲେ ହେଁ ଟିମ ଇଣ୍ଡିଆର ଭାଗ୍ୟ ବଦଳିବ ବୋଲି ଆଶା କରିଛନ୍ତି। କାରଣ ଭାରତ ରବିବାର ଖେଳୁଥିବା ପ୍ରାୟ ସବୁ ଆଇସିସି ଟୁର୍ଣ୍ଣାମେଣ୍ଟର ଫାଇନାଲ ହାରିଛି। ବେଶ କିଛି ଦଶନ୍ଧି ଧରି ଏହି ପରମ୍ପରା ଲାଗି ରହିଛି। ଆସନ୍ତାକାଲି ରବିବାର ହୋଇଥିବା ବେଳେ ଭାରତ ଫାଇନାଲ ଖେଳିବାକୁ ଯାଉଛି। ସାମ୍ନାରେ ନ୍ୟୁଜିଲ୍ୟାଣ୍ଡ ଓ ଅନ୍ଧବିଶ୍ୱାସ ଅନୁଯାୟୀ ରବିବାର। ତେଣୁ ଫ୍ୟାନ୍ସଙ୍କ ଛାତି ଧଡ଼ଧଡ଼ ହେବାରେ ଲାଗିଛି। ଭାରତ ପାଇଁ ବର୍ଷବର୍ଷ ଧରି କାଳ ସାଜିଥିବା ରବିବାରର ପୁନରାବୃତ୍ତି ଆସନ୍ତାକାଲି ଯେମିତି ନ ହେବ, ସେଆଶା ସମସ୍ତେ କରିଛନ୍ତି।

୨୦୦୦ ମସିହା ଚାମ୍ପିୟନ୍ସ ଟ୍ରଫି ଫାଇନାଲ ଠାରୁ ଆରମ୍ଭ କରି ୨୦୨୩ ଦିନିକିଆ ବିଶ୍ୱକପ ଫାଇନାଲ ରବିବାର ଖେଳା ଯାଇଥିଲା। ଏହି ଫାଇନାଲରେ ଭାରତ ନଜର ଆସିଥିଲେ ହେଁ ଦଳକୁ ହାରିବାକୁ ପଡ଼ିଥିଲା। ୨୦୦୦ ମସିହାରେ ଚାମ୍ପିୟନ୍ସ ଟ୍ରଫିର ନାଁ ଆଇସିସି ନକଆଉଟ ରହିଥିଲା। ଏହାର ଫାଇନାଲ ରବିବାର ଖେଳା ଯାଇଥିବା ବେଳେ ଭାରତ ୪ ୱିକେଟରେ ନ୍ୟୁଜିଲ୍ୟାଣ୍ଡ ଠାରୁ ହାରିଥିଲା। ୨୦୨୩ ଦିନିକିଆ ବିଶ୍ୱକପରେ ଭାରତ କ୍ରମାଗତ ୧୧ଟି ମ୍ୟାଚ୍ ଜିତିଥିଲା। କିନ୍ତୁ ଫାଇନାଲରେ ଅଷ୍ଟ୍ରେଲିଆ ଠାରୁ ହାରିଥିଲା। ସେଦିନ ବି ରବିବାର ଥିଲା। ଏମିତି ଅନେକ ରବିବାର ରହିଛି, ଯେଉଁଠି ଭାରତ ଆଇସିସି ଟୁର୍ଣ୍ଣାମେ ର ଫାଇନାଲରେ ହାରିଛି।

ତେବେ ଭାରତ ୨୦୧୩ ମସିହାରେ ଏକମାତ୍ର ଆଇସିସି ଟୁର୍ଣ୍ଣାମେଣ୍ଟ ଫାଇନାଲ ରବିବାର ଜିତିଥିଲା। ଇଂଲଣ୍ଡ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଦଳ ବାଜିମାତ କରିଥିଲା। ଫାଇନାଲ ରବିବାର ଆୟୋଜନ ହୋଇଥିଲେ ହେଁ ଏଥିରେ ରହିଛି ଟ୍ୱିଷ୍ଟ। ଜୁନ ୨୩ ତାରିଖ ରବିବାର ମ୍ୟାଚ୍ ଆରମ୍ଭ ହୋଇଥିଲା। କିନ୍ତୁ ବର୍ଷା ଯୋଗୁ ଠିକଣା ସମୟରେ ଏହା ଆରମ୍ଭ ହୋଇ ପାରି ନଥିଲା। ମ୍ୟାଚକୁ ୨୦ ଓଭର ବିଶିଷ୍ଟ କରାଯାଇଥିଲା। ମ୍ୟାଚ୍ ଶେଷ ହେବା ବେଳକୁ ଭାରତୀୟ ସମୟ ରାତି ୧୨ଟା ଅତିକ୍ରମ କରି ସାରିଥିଲା। ତେଣୁ ସୋମବାର ମ୍ୟାଚ୍ର ରେଜଲ୍ଟ ବାହାରିଥିଲା। ଭାରତ ଏଥିରେ ଜିତିଥିଲା। ତେଣୁ ରବିବାର ଦୁଃଖ ବଳବ ର ରହିଥିଲା। ଭାରତ ଏଯାଏ ୭ଟି ଆଇସିସି ଟ୍ରଫି ଜିତିଛି। କିନ୍ତୁ ଏହି ସବୁ ଟୁର୍ଣ୍ଣାମେଣ୍ଟର ଫାଇନାଲ କେବେ ହେଲେ ରବିବାର ଅନୁଷ୍ଠିତ ହୋଇ ନଥିଲା।

## ପିଚ୍‌ରୁ ଫାଇଦା ଲକ୍ଷ୍ୟରେ କ୍ୱିଓ୍ୱି ଦଳ

**ଦୁବାଇ,୮।୩ (ଏଜେନ୍ସି):** ଚାମ୍ପିୟନ୍ସ ଟ୍ରଫି ୨୦୨୫ ଆରମ୍ଭ ହେବା ଦିନ ଠାରୁ ଭାରତ ସମସ୍ତଙ୍କ ଫୋକସରେ ରହିଛି। ଏହାର କାରଣ ହେଲା ଚାମ୍ପିୟନ୍ସ ଟ୍ରଫିରେ ଭାଗ ନେଇଥିବା ୮ ଦଳ ମଧ୍ୟରୁ ଭାରତ ଏକମାତ୍ର ଟିମ ଯିଏ ତା'ର ସମସ୍ତ ମ୍ୟାଚ୍ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳିଛି। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମର ଧିମା ପିଚରେ ଭାରତ କେମିତି ତା'ର ସ୍ପିନ ବଳକୁ ବ୍ୟବହାର କରି ଫାଇଦା ହାସଲ କରିଛି, ତାହା ହିଁ ଚର୍ଚ୍ଚାର ବିଷୟ ହୋଇଛି।

ରବିବାର ଭାରତ ଓ ନ୍ୟୁଜିଲ୍ୟାଣ୍ଡ ସେହି ଦୁବାଇ ପିଚରେ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ଖେଳିବେ। ଫାଇନାଲରେ ଭାରତ ମ୍ୟାଚ୍ ଜିତିବାର ସମ୍ଭାବନା ଅଧିକ। କାରଣ ଦୁବାଇରେ ଭାରତ କ୍ରମାଗତ ୪ଟି ମ୍ୟାଚ୍ ଖେଳି ୪ଟି ଯାକ ଜିତିଛି। ଦୁବାଇର କେଉଁ ପିଚ୍ କେମିତି ବ୍ୟବହାର କରୁଛି, ସେକଥା ମଧ୍ୟ ଭାରତ ଭଲ ଭାବେ ବୁଝି ସାରିଥିବା କୁହାଯାଉଛି। ଭାରତକୁ ସମସ୍ତ ପ୍ରକାରର ଫାଇଦା ମିଳିବ ବୋଲି ଚାଲିଥିବା ଚର୍ଚ୍ଚା ଓ ଆଲୋଚନା ଭିତରେ ନ୍ୟୁଜିଲ୍ୟାଣ୍ଡ ସୁପର ସଣ୍ଡେରେ ସମସ୍ତଙ୍କୁ ଜଳକା କରିବା ଲକ୍ଷ୍ୟରେ ରହିଛି। ଏହାର ସମ୍ଭାବନା ହୁଏତ କ୍ଷଣ। କିନ୍ତୁ ଅସମ୍ଭବ ନୁହେଁ। ନ୍ୟୁଜିଲ୍ୟାଣ୍ଡ ସମସ୍ତଙ୍କୁ ଚକିତ କରିବା କଳାରେ ବି ବେଶ ମାହିର। ରବିବାର ନ୍ୟୁଜିଲ୍ୟାଣ୍ଡ ସବୁ ଆକଳନ ଓ ଚର୍ଚ୍ଚାକୁ ଭୁଲ ପ୍ରମାଣିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

ଭାରତ ବ୍ୟତୀତ ନ୍ୟୁଜିଲ୍ୟାଣ୍ଡ ଏକମାତ୍ର ଟିମ ଯିଏ ଚାମ୍ପିୟନ୍ସ ଟ୍ରଫିରେ ଦ୍ୱିତୀୟ ଥର ପାଇଁ ଦୁବାଇରେ ମ୍ୟାଚ୍ ଖେଳିବାକୁ ଯାଉଛି। ଲିଗ ପର୍ଯ୍ୟାୟରେ ନ୍ୟୁଜିଲ୍ୟାଣ୍ଡ ଦୁବାଇରେ ଗୋଟିଏ ମ୍ୟାଚ ଭାରତ ବିପକ୍ଷରେ ଖେଳିଥିଲା। ବାଂଲାଦେଶ, ପାକିସ୍ତାନ ଓ ଅଷ୍ଟ୍ରେଲିଆ। ଦୁବାଇରେ ଖେଳିଥିଲେ ହେଁ ପରିବେଶ ଓ ସ୍ଥିତିର ଫାଇଦା ହାସଲ କରିବାରେ ବିଫଳ ହୋଇଛନ୍ତି। ଦୁବାଇ ପିଚ୍ ଚାମ୍ପିୟନ୍ସ ଟ୍ରଫିର ଅନ୍ୟ ମ୍ୟାଚ୍ ଗୁଡ଼ିକ ଖେଳା ଯାଇଥିବା କରାଚି, ରାୱଲପିଣ୍ଡି ଓ ଲାହୋର ପିଚ ଠାରୁ ସଂପୂର୍ଣ୍ଣ ଭିନ୍ନ।

## ବରୁଣଙ୍କ ପାଇଁ ସ୍ୱତନ୍ତ୍ର ରଣନୀତି



**ନୂଆଦିଲ୍ଲୀ,୮।୩ (ଏଜେନ୍ସି):** ନ୍ୟୁଜିଲ୍ୟାଣ୍ଡର ବ୍ୟାଟିଂ କଥା ଦେଖିଲେ ସେମାନଙ୍କ ଆଗରେ ବରୁଣ ଚକ୍ରବର୍ତ୍ତୀଙ୍କ ବିପଦ ରହିବ। ଚାମ୍ପିୟନ୍ସ ଟ୍ରଫିରେ ବରୁଣ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ହିଁ ଡେବ୍ୟୁ କରିଥିଲେ। ନିଜର ଆଇସିସି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ସେ କାହାକୁ ନିରାଶ କରି ନଥିଲେ। ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ସେ ୧୦ ଓଭରରେ ୪୨ ରନ ଦେଇ ୫ ୱିକେଟ ଦଖଲ କରିଥିଲେ। ସେମି ଫାଇନାଲରେ ମଧ୍ୟ ସେ ଅଷ୍ଟ୍ରେଲୀୟ ବ୍ୟାଟରଙ୍କୁ ଅଡୁଆରେ ପକାଇଥିଲେ। ନିଃସନ୍ଦେହରେ କୁହାଯାଇପାରେ ଯେ ବରୁଣ ନ୍ୟୁଜିଲ୍ୟାଣ୍ଡ ପାଇଁ ବିପଦ। କିନ୍ତୁ ନ୍ୟୁଜିଲ୍ୟାଣ୍ଡ ଫାଇନାଲରେ ତାଙ୍କ ସ୍ପିନ ଯାଦୁକୁ କାଉଣ୍ଟର କରିବା ପାଇଁ ନିଶ୍ଚିତ ଭାବେ ସ୍ୱତନ୍ତ୍ର ରଣନୀତି କରିବ। ତାଙ୍କ ଲାଇନ ଲେନ୍ଥକୁ ବିଗାଡ଼ିବା ପାଇଁ ଦଳ ଆରମ୍ଭରୁ ଚେଷ୍ଟା କରିବ। କାରଣ ପୂର୍ବରୁ ଦଳ ବରୁଣଙ୍କୁ ଖେଳି ସାରିଛି। ନ୍ୟୁଜିଲ୍ୟାଣ୍ଡର ମୁଖ୍ୟ କୋଚ ଗ୍ୟାରୀ ଷ୍ଟେଡ କହିଛନ୍ତି, ଆମ ବିପକ୍ଷରେ ୪୨ ରନ ଦେଇ ୫ ୱିକେଟ ନେଇଥିବା ବରୁଣ ନିଶ୍ଚିତ ଭାବେ ଶେଷ ମ୍ୟାଚରେ ନଜର ଆସିବେ ବୋଲି ଆମେ ଜାଣିଛୁ। ସେ ଜଣେ କ୍ଲାସ ବୋଲର। ଗତ ମ୍ୟାଚରେ ସେ ଆମ ବିପକ୍ଷରେ ନିଜର ଦକ୍ଷତା ଦେଖାଇଛନ୍ତି। ସେ ମ୍ୟାଚରେ ଆମ ପାଇଁ ବଡ଼ ବିପଦ। ତେଣୁ ଆମେ ତାଙ୍କୁ କେମିତି କାଉ ର କରିବୁ, ସେକଥା ନିଶ୍ଚିତ ଭାବେ ଚିନ୍ତା କରୁଛୁ। ସେହି ଅନୁସାରେ ରଣନୀତି ମଧ୍ୟ କରିବୁ। ତାଙ୍କ ବିରୋଧରେ କେମିତି ରନ ଆଦାୟ କରାଯାଇ ପାରିବ, ତା'ହା ମଧ୍ୟ ଆମ ଫୋକସରେ ରହିଛି।

## ୨୦୦୨ ମସିହାରୁ ଚାମ୍ପିୟନ୍ସ ଟ୍ରଫିର ଇତିହାସ

**ଦୁବାଇ,୮।୩ (ଏଜେନ୍ସି):** କ୍ରିକେଟ ଜଗତର ପ୍ରଥମ ବିଶ୍ୱକପ ୧୯୭୫ ମସିହାରେ ଖେଳା ଯାଇଥିଲା। ଏହାପରେ ପ୍ରତି ୪ ବର୍ଷରେ ଥରେ ବିଶ୍ୱକପ ଆୟୋଜନ କରାଯାଇଥିଲା। ବିଶ୍ୱକପରେ ଆଇସିସିର ପୂର୍ଣ୍ଣ ସଦସ୍ୟ ରହିଥିବା ଦେଶଗୁଡ଼ିକ ଭାଗ ନେଉଥିଲେ। ଏହାକୁ ଦୃଷ୍ଟିରେ ରଖି ଆଇସିସି ୨ ବର୍ଷରେ ଥରେ ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲା। ଏହାର ଲକ୍ଷ୍ୟ ଥିଲା ଟେଷ୍ଟ ମ୍ୟାଚ୍ ଖେଳିବାକୁ ଯୋଗ୍ୟତା ପାଇ ନଥିବା ଦେଶଗୁଡ଼ିକରେ କ୍ରିକେଟକୁ ଲୋକପ୍ରିୟ କରିବା ଓ ସେହି ଦେଶଗୁଡ଼ିକରେ କ୍ରିକେଟର ବିକାଶ ପାଇଁ ପାଣ୍ଠି ଯୋଗାଡ଼ କରିବା। ଏଥିପାଇଁ ବାଂଲାଦେଶ ଓ କେନିଆରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦୁଇଟି ସଂସ୍କରଣ ଆୟୋଜନ କରାଯାଇଥିଲା। ୧୯୯୮ ଓ ୨୦୦୦ ମସିହାରେ ଟୁର୍ଣ୍ଣାମେଣ୍ଟର ନାଁ ଆଇସିସି ନକଆଉଟ ଟ୍ରଫି ରହିଥିଲା।

୧୯୯୮ ଓ ୨୦୦୦ ମସିହାରେ ମିନି ବିଶ୍ୱକପ ଭାବେ ଆଇସିସି ନକଆଉଟ ଟ୍ରଫି ଖେଳା ଯାଉଥିଲା। ପ୍ରଥମ ସଂସ୍କରଣ ଦକ୍ଷିଣ ଆଫ୍ରିକା ଜିତିଥିବା ବେଳେ ୨୦୦୦ ମସିହାରେ ନ୍ୟୁଜିଲ୍ୟାଣ୍ଡ ବିଜେତା ହୋଇଥିଲା। ୨୦୦୨ ମସିହାରୁ ଏହାର ନାଁ ଚାମ୍ପିୟନ୍ସ ଟ୍ରଫି ହୋଇଥିଲା। ୨୦୦୨ ମସିହାରେ ଭାରତ ଓ ଶ୍ରୀଲଙ୍କା ଚାମ୍ପିୟନ୍ସ ଟ୍ରଫିର ଯୁଗ୍ମ ବିଜେତା ହୋଇଥିଲେ। ୨୦୦୪ରେ ୱେଷ୍ଟଇଣ୍ଡିଜ, ୨୦୦୬ରେ ଅଷ୍ଟ୍ରେଲିଆ, ୨୦୦୯ରେ ଅଷ୍ଟ୍ରେଲିଆ, ୨୦୧୩ରେ ଭାରତ ଓ ୨୦୧୭ରେ ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫି ଜିତିଥିଲା।




ଚାମ୍ପିୟନ୍ସ ଟ୍ରଫିର ଫାଇନାଲକୁ ଭାରତ ଏକମାତ୍ର ଦେଶ ଯିଏ ସର୍ବାଧିକ ୫ଥର ଯାଇଛି। ଏଭଳି ଉପଲବ୍ଧି କୌଣସି ଦେଶ ହାସଲ କରି ନାହାନ୍ତି। ଭାରତ ପଛକୁ ଅଷ୍ଟ୍ରେଲିଆ ୨ଥର ଫାଇନାଲ ଖେଳିଛି ଓ ୨ଥର ଟ୍ରଫି କରାୟତ କରିଛି। ଭାରତ ୫ଥର ଫାଇନାଲକୁ ଯାଇଥିବା ବେଳେ ୨ଥର ଜିତିଛି। ୨ଥର ହାରିଛି। ୨୦୨୫ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ରବିବାର ଖେଳାଯିବ। ଭାରତ ସାମ୍ନାରେ ଏବେ ନ୍ୟୁଜିଲ୍ୟାଣ୍ଡ ରହିଛି।

ଗତ ସପ୍ତାହ ଅର୍ଥାତ ଗତ ରବିବାର ଦୁବାଇରେ ଭାରତ ଓ ନ୍ୟୁଜିଲ୍ୟାଣ୍ଡ ଗ୍ରୁପ ପର୍ଯ୍ୟାୟରେ ପରସ୍ପରକୁ ଭେଟିଥିଲେ। ଭାରତ ପ୍ରଥମେ ବ୍ୟାଟିଂ କରି ମାତ୍ର ୨୪୯ ରନ କରିଥିଲା। ଏହାର ଜବାବରେ ନ୍ୟୁଜିଲ୍ୟାଣ୍ଡ କେବଳ ୨୦୫ ରନ କରି ପାରି ଥିଲା। ଭାରତ ପାଇଁ ଚାମ୍ପିୟନ୍ସ ଟ୍ରଫିରେ ପ୍ରଥମ ମ୍ୟାଚ୍ ଖେଳିଥିବା ରହସ୍ୟମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଏକାକୀ ୫ ୱିକେଟ ନେବାରୁ ନ୍ୟୁଜିଲ୍ୟାଣ୍ଡ ଦୁବାଇରେ ମାଟି କାମୁଡ଼ିଥିଲା। ବ୍ୟାଟିଂରେ ଶ୍ରେୟସ ଆୟର ୭୯ ରନର ଇନିଂସ ଖେଳିଥିଲେ।

ଏହି ପରାଜୟ ସତ୍ତ୍ୱେ ନ୍ୟୁଜିଲ୍ୟାଣ୍ଡ ବୁଧବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ୱିତୀୟ ସେମିଫାଇନାଲ ଖେଳିଥିଲା। ଲାହୋରରେ ଖେଳା ଯାଉଥିବା ମ୍ୟାଚରେ ରଚିନ ରବୀନ୍ଦ୍ର ଓ କେନ ୱିଲିୟମସନଙ୍କ ଶତକ ବଳରେ ନ୍ୟୁଜିଲ୍ୟାଣ୍ଡ ବିଶାଳ ୩୬୨ ରନ କରି ପାରିଥିଲା।

## ସାମିଙ୍କ ସମର୍ଥନରେ ଜାଭେଦ

**ମୁମ୍ବାଇ,୮।୩(ଏଜେନ୍ସି):** ରମଜାନର ପବିତ୍ର ମାସରେ, ମଙ୍ଗଳବାର ଦିନ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମୁକାବିଲା ହୋଇଥିଲା। ଏହି ସମୟରେ ୩୪ବର୍ଷୀୟ ଭାରତୀୟ ଖେଳାଳି ତଥା ଦ୍ରୁତ ବୋଲର ମହମ୍ମଦ ଶାମି ଏନର୍ଜି ଡ୍ରିଙ୍କ୍ ପିଉଥିବା ଦେଖାଯାଇଥିଲା। ଏହା ପରେ ଅଲ୍ ଇଣ୍ଡିଆ ମୁସଲିମ୍ ଜମାତର ରାଷ୍ଟ୍ରୀୟ ଅଧ୍ୟକ୍ଷ ମୌଲାନା ଶହାବୁଦ୍ଦିନ ରଜଭି ତାଙ୍କୁ ଅପରାଧୀ ବୋଲି କହିଥିଲେ।ଏବେ ତାଙ୍କର ଏଭଳି ବୟାନକୁ ବିରୋଧ କରି ଶାମିଙ୍କୁ ସମର୍ଥନ କରିଛନ୍ତି କବି ତଥା ଗୀତିକାର ଜାଭେଦ ଅଖତାର। ଏକ୍ସରେ ପୋଷ୍ଟ କରି ସେ ଲେଖିଛନ୍ତି, ଶାମି ସାହେବ, ଦୁବାଇର କ୍ରିକେଟ ପଡ଼ିଆରେ ଡହ ଡହ ଖରାରେ ତୁମର ପାଣି ପିଇବାକୁ ନେଇ ସମସ୍ୟା ଥିବା ମୂର୍ଖମାନଙ୍କ ଉପରେ ଧ୍ୟାନ ଦିଅନ୍ତୁ ନାହିଁ। ଏହା ସେମାନଙ୍କର କାମ ନୁହେଁ। ତୁମେ ସେହି ମହାନ ଭାରତୀୟ ଦଳର ଜଣେ ଏଭଳି କ୍ରିକେଟର ଯିଏ ଆମ ସମସ୍ତଙ୍କୁ ଗର୍ବିତ କରୁଛି। ତୁମକୁ ଏବଂ ଆମର ସମଗ୍ର ଦଳକୁ ମୋର ଶୁଭକାମନା। ଏହା ପୂର୍ବରୁ କଂଗ୍ରେସ ମୁଖପାତ୍ର ଶମା ମହମ୍ମଦ, ଶାମିଙ୍କୁ ସମର୍ଥନ କରି କହିଥିଲେ ଯେ, ଇସଲାମରେ, ରମଜାନ ସମୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ଅଛି। ଯେତେବେଳେ ଆମେ ଯାତ୍ରା କରୁ, ଆମକୁ ଉପବାସ ରଖିବାର ଆବଶ୍ୟକତା ନାହିଁ। ଏବେ ମହମ୍ମଦ ଶାମି ଯାତ୍ରା କରୁଛନ୍ତି ଏବଂ ସେ ନିଜ ଘରେ ନାହାନ୍ତି। ସେ ଏପରି ଏକ ଖେଳ ଖେଳୁଛନ୍ତି ଯେଉଁଥିରେ ତାଙ୍କୁ ବହୁତ ଶୋଷ ଲାଗିପାରେ। ଏଭଳି ସ୍ଥିତିରେ ରୋଜା ରଖିବାର କେଣସି ଆପଶ୍ୟକତା ନାହିଁ। ଆପଣଙ୍କ କର୍ମ ଯାହା ଗୁରୁତ୍ୱପୂର୍ଣ୍ଣ। ସେ କେଣସି ଭୁଲ୍ କରିନାହାନ୍ତି।



## ଅଭ୍ୟାସ ସମୟରେ କୋହଲି ଆହତ

**ଦୁବାଇ,୮।୩ (ଏଜେନ୍ସି):** ଭାରତର ତାରକା ବ୍ୟାଟ୍ସମ୍ୟାନ ବିରାଟ କୋହଲି ଆହତ ହୋଇଛନ୍ତି କି? ଏହା ଫଳରେ ସେ ରବିବାର ନ୍ୟୁଜିଲାଣ୍ଡ ବିରୋଧରେ ଖେଳାଯିବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ସେ ଖେଳିବେ ନାହିଁ କି? କେତେକ ଗଣମାଧ୍ୟମ ରିପୋର୍ଟରେ ସେ ଆହତ ହୋଇଥିବା ରିପୋର୍ଟ ପ୍ରକାଶ ପାଇବା ପରେ ଭାରତର ଚିନ୍ତା ବଢିଯାଇଛି। ପାକିସ୍ତାନୀ ଟିଭି ଚ୍ୟାନେଲ ଜିଓ ନ୍ୟୁଜର ରିପୋର୍ଟ ଅନୁସାରେ ଦୁବାଇସ୍ଥିତ ଆଇସିସି ଏକାଡେମୀରେ ଦ୍ରୁତ ବୋଲିଂ ବିପକ୍ଷରେ ଅଭ୍ୟାସ କରୁଥିବା ବେଳେ ଏକ ବଲ୍ ବିରାଟ କୋହଲିଙ୍କ ଗୋଡ଼ରେ ବାଜିଥିଲା। ଏହା ପରେ ଯନ୍ତ୍ରଣା ହେବାରୁ ସେ କିଛି ସମୟ ପାଇଁ ଅଭ୍ୟାସ ବନ୍ଦ କରିଦେଇଥିଲେ। ତେବେ କିଛି ସମୟ ପରେ ସେ ପୁଣି ପଡ଼ିଆକୁ ଫେରିଥିଲେ। ତାଙ୍କର ଆଘାତ କେତେ ଗୁରୁତର ସେ ସଂପର୍କରେ ଟିମ ପରିଚାଳନା ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଯଦି ଆଘାତ ଗୁରୁତର ହୋଇଥାଏ ସେ ଆସନ୍ତା କାଲି ନ ଖେଳିବାର ଆଶଙ୍କା ରହିଛି। ଏପରି ହେଲେ ତାହା ଟିମ ଇଣ୍ଡିଆ ପାଇଁ ଏକ ଖରାପ ଖବର। କିନ୍ତୁ ଆଘାତ ବିଶେଷ ଗୁରୁତର ନ ଥିଲେ ସେ ଖେଳିବାର ସମ୍ଭାବନା ରହିଛି।

ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚରେ କୋହଲି ୮୪ ରନର ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ଏହି ଇନିଂସ ଫଳରେ ହିଁ ଭାରତ ଅଷ୍ଟ୍ରେଲିଆ ଦ୍ୱାରା ରଖାଯାଇଥିବା ଲକ୍ଷ୍ୟ ହାସଲ କରିପାରିଥିଲା। ଏଣୁ ଫାଇନାଲରେ କୋହଲି ଖେଳିବା ଭାରତ ପାଇଁ ଜରୁରୀ।

## ଯୁବପିଢ଼ିଙ୍କୁ ଦୃଷ୍ଟିରେ ରଖି ଫୋର୍ସ ନେକ୍ସଟ୍‌ର ନୂତନ ଅଭିଯାନ

**ନୂଆଦିଲ୍ଲୀ,୮।୩ (ଏଜେନ୍ସି):** ଡଲାର ଇଣ୍ଡଷ୍ଟ୍ରିଜ ଲିମିଟେଡର ଏକ ପ୍ରିମିୟମ ଲାଇନ ଫୋର୍ସ ନେକ୍ସଟ୍ ଆଧୁନିକ ପୁରୁଷଙ୍କ ଇନର ୱେର, ଖେଳକୁଦ ଏବଂ ଆକ୍ଟିଭ ପୋଷାକ ପାଇଁ ଏକ ସର୍ବୋତମ ବ୍ରାଣ୍ଡ, ଆରାମ, ଶୈଳୀ ଏବଂ ଆତ୍ମବିଶ୍ୱାସକୁ ମିଶ୍ରଣ କରେ। ଫୋର୍ସ ନେକ୍ସଟ୍‌ର ନୂତନତମ ଟେଲିଭିଜନ ବିଜ୍ଞାପନ (ଟିଭିସି) ବୋଲ୍ଡ ଟ୍ୟାଗଲାଇନ 'ଫର୍ ୱାଟସ୍ ନେକ୍ସଟ୍' ପ୍ରଚଳନଟି ଏବଂ କିପରି ଇନର ୱେର, ଖେଳକୁଦ ଏବଂ ଆକ୍ଟିଭ, ବ୍ୟକ୍ତିଗତ ଶୈଳୀ, ଆତ୍ମବିଶ୍ୱାସ ଏବଂ ଆତ୍ମ-ପ୍ରକାଶନର ଅବିଚ୍ଛେଦ୍ୟ ଉପାଦାନ ପାଲଟିଛି ତାହା ଉପରେ ଆଲୋକପାତ କରିଥାଏ।

ଖ୍ୟାତି ସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତା ଉଜେର ଖାନଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଟିଭିସି ହେଉଛି ଆଧୁନିକ ଜୀବନଶୈଳୀକୁ ପ୍ରତିଫଳିତ କରୁଥିବା ଏକ ଦୃଶ୍ୟଗତ ଗତିଶୀଳ ମୋଂଟେଜ। ଏହା ଦର୍ଶାଏ ଯେ, ଫୋର୍ସ ନେକ୍ସଟ୍ ପରିସର କେବଳ ଏକ ମୌଳିକ ଆବଶ୍ୟକତା ନୁହେଁ ବରଂ ଜଣଙ୍କ ବ୍ୟକ୍ତିତ୍ୱର ଏକ ଷ୍ଟାଇଲିସ ବିସ୍ତାର। ଏଥିରେ ଅଭିନୟ କରୁଥିବା ବ୍ୟକ୍ତି ତାଙ୍କର ଫୋର୍ସ ନେକ୍ସଟ୍ ପୋଷାକ ପ୍ରଦର୍ଶନ କରିବା ପାଇଁ ସ୍ୱତଃସ୍ଫୂର୍ତ ମୁହୂର୍ତଗୁଡ଼ିକୁ ଅଧିକାର କରନ୍ତି, ସାଧାରଣ ପରିସ୍ଥିତିକୁ ଫ୍ୟାଶନର ପ୍ରକାଶନରେ ରୂପାନ୍ତରିତ କରନ୍ତି ଯାହା ପ୍ରମାଣ କରେ ଯେ ପ୍ରକୃତ ଶୈଳୀ ଭିତରୁ ଆରମ୍ଭ ହୋଇଥାଏ।




ଏହି ଅବସରରେ ଡଲାର ଇଣ୍ଡଷ୍ଟ୍ରିଜ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଗୁପ୍ତା କହିଲେ, ଇନର ୱେର, ଖେଳକୁଦ ଏବଂ ଆକ୍ଟିଭ ପୋଷାକ ଆଉ କେବଳ କାର୍ଯ୍ୟକ୍ଷମ ନୁହେଁ। ସେଗୁଡ଼ିକ ଆତ୍ମ-ପ୍ରକାଶନ, ଆତ୍ମବିଶ୍ୱାସ ଏବଂ ଶୈଳୀର ଏକ ଅଂଶ ପାଲଟି ଯାଇଛନ୍ତି।

## ତୀର ବିନ୍ଧି ଦୃଷ୍ଟିବାଧିତ ମହିଳା ଖେଳାଳି ରଚିଲେ ନୂଆ ଇତିହାସ

**ଭୁବନେଶ୍ୱର,୮।୩ (ଏଜେନ୍ସି):** କିଏ କହେ ନାରୀ ଦୁର୍ବଳା ଓ ଅବଳା, ଆଉ କିଏ କହେ ନାରୀ ଜୀବନ ଚୁଲି ମୁଣ୍ଡକୁ। ହେଲେ ଏସବୁକୁ ଆନ୍ତର୍ଜାତୀୟ ମହିଳା ଦିବସରେ ଦୃଷ୍ଟିବାଧିତ ମହିଳା ଖେଳାଳି ଭୁଲ୍ ପ୍ରମାଣିତ କରି ସାରା ବିଶ୍ୱକୁ ଦେଇଛନ୍ତି ବଳିଷ୍ଠ ବାର୍ତ୍ତା। ଦୁନିଆର ଆଲୋକକୁ ସେମାନେ ଦେଖି ପାରୁନଥିଲେ ମଧ୍ୟ ଶବ୍ଦ ବାରି କରିପାରନ୍ତି ଲକ୍ଷ୍ୟ ସ୍ଥଳର ସନ୍ଧାନ। ଏଭଳି ଶବ୍ଦ ଭେଦି ଦକ୍ଷତାର ଚିହ୍ନଟ ଓ ପ୍ରୋତ୍ସାହନ ପାଇଁ ରାଜ୍ୟର ଦୃଷ୍ଟିବାଧିତଙ୍କ ବିକାଶ ଲାଗି କାର୍ଯ୍ୟ କରୁଥିବା ସାମାଜିକ ସଂଗଠନ 'ବୁଲସ୍‌ଆଇ', ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ (ଏନ୍.ସି.ଏସ୍.ସି.ଡ଼ି.ଏ)ର ମିଳିତ ଆନୁକୂଲ୍ୟରେ ଭାରତରେ ପ୍ରଥମ କରି ଏକ ନିଆରା ଦୃଷ୍ଟିବାଧିତ ମହିଳା ଧନୁତୀର ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ପୋଖରୀପୁଟ ସ୍ଥିତ ଭାରତ ସରକାରଙ୍କ (ଏନ୍.ସି.ଏସ୍.ସି.ଡ଼ି.ଏ) କ୍ୟାମ୍ପସ ପରିସରରେ ଆୟୋଜିତ ଏହି ତୀରନ୍ଦାଜୀ ପ୍ରତିଯୋଗିତାକୁ ଏନ୍.ସି.ଏସ୍.ସି.ଡ଼ି.ଏ ର ମୁଖ୍ୟ ସୋନାଲିକା ସୁମନ ଏବଂ ସାମାଜିକ କର୍ମୀ ସୁଶାନ୍ତ ସାହୁ, ସନ୍ତୋଷୀ ଜୈନ ଆନୁଷ୍ଠାନିକ ରୂପେ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୧ ଜଣ ପ୍ରତିଯୋଗୀ ଭାଗ ନେଇ ନିଜର ଶବ୍ଦ ଭେଦ ଦକ୍ଷତାର ପ୍ରତିପାଦନ କରି ଏକ ନୂଆ ଇତିହାସ ରଚିଛନ୍ତି। 'ବୁଲସ୍‌ଆଇ' ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା କହିଥିଲେ, ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଲୁକ୍କାୟିତ ହୋଇ ରହିଛି। ସେଗୁଡ଼ିକୁ ଚିହ୍ନଟ କରି ପ୍ରୋତ୍ସାହନ ଦେବା ହେଉଛି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ସାମାଜିକ କର୍ମୀ ସୋନାଲିକା ସୁମନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ଭିନ୍ନକ୍ଷମ କମିଶନର ବ୍ରତତୀ ହରିଚନ୍ଦନ (ଆଇ.ଏ.ଏସ୍), ସମ୍ମାନିତ ଅତିଥି ରୂପେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ସଚିବ ସୁଶ୍ରୀ ଜୟଶ୍ରୀ ତ୍ରିପାଠୀ, ଉପଶାସନ ସଚିବ ସନ୍ନ୍ୟାସୀ କୁମାର ବେହେରା, ରାଜଯୋଗିନୀ ବ୍ରହ୍ମାକୁମାରୀ ଭଉଣୀ ଲିନା, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପୂର୍ବତନ ଏଜିଏମ୍ ସସ୍ମିତା ମିଶ୍ର ଏବଂ ସାମାଜିକ କର୍ମୀ ମନୋଜ ପ୍ରଧାନ ପ୍ରମୁଖ ଯୋଗଦେଇ ମହିଳା ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ଏହି ତୀରନ୍ଦାଜୀ ପ୍ରତିଯୋଗିତାରେ ଜୁନି କର୍ଜି ପ୍ରଥମ, ମାମୁଲି ସୁବୁଦ୍ଧି ଦ୍ୱିତୀୟ, ପ୍ରିୟଙ୍କା ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜେତାଙ୍କୁ ଉପସ୍ଥିତ ଅତିଥିବୃନ୍ଦ ମାନପତ୍ର, ଟ୍ରଫି ଓ ନଗଦ ଅର୍ଥ ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ଧଉଳି ଚାରୁକଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ 'ବୁଲସ୍‌ଆଇ' ର ମୁଖ୍ୟ ପରାମର୍ଶଦାତା ଡ. ରଶ୍ମୀରଞ୍ଜନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ଟୟୋଟା କିର୍ଲୋସ୍କର ପକ୍ଷରୁ ମହିଳା ଦିବସ

**ନୂଆଦିଲ୍ଲୀ,୮।୩ (ଏଜେନ୍ସି):** ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ, ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ) ଲିଙ୍ଗ ବିବିଧତାକୁ ପ୍ରୋତ୍ସାହିତ କରିବା ଏବଂ ଅଟୋମୋଟିଭ୍ ଶିଳ୍ପରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରୁଛି। ଶିଳ୍ପରେ ଲିଙ୍ଗ ପ୍ରତିବନ୍ଧକ ଗୁଡ଼ିକୁ ଭାଙ୍ଗିବା ପାଇଁ ଏହାର ନିରନ୍ତର ପ୍ରୟାସର ଏକ ଅଂଶ ଭାବରେ, ଟିକେଏମ ଉତ୍ପାଦନ, ବୈଷୟିକ ଏବଂ ନେତୃତ୍ୱ ଭୂମିକାରେ ମହିଳାମାନଙ୍କୁ ସମର୍ଥନ କରୁଥିବା ନୀତି ଏବଂ ଭିତିଭୂମିକୁ ପ୍ରାଥମିକତା ଦେଇ ଚାଲିଛି। ୨୦୨୩୦ ସୁଦ୍ଧା ୩୦% ମହିଳା ପ୍ରତିନିଧିତ୍ୱ ହାସଲ କରିବା ଲକ୍ଷ୍ୟରେ, ଟିକେଏମ ସଂଗଠନ ମଧ୍ୟରେ ମହିଳାମାନଙ୍କୁ ସମର୍ଥନ ଏବଂ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ କରିଛି। ଏହି ବର୍ଷର ମହିଳା ଦିବସର ବିଷୟବସ୍ତୁ, ଆସିଲରେଟ୍ ଆକ୍ସନ ପ୍ରତିଭାକୁ ପୋଷଣ କରୁଥିବା, ଅନ୍ତର୍ଭୁକ୍ତିକରଣକୁ ଗ୍ରହଣ କରୁଥିବା ଏବଂ ଉତ୍ପାଦନ କ୍ଷେତ୍ରରେ ପ୍ରତିବନ୍ଧକଗୁଡ଼ିକୁ ଦୂର କରୁଥିବା ଟିକେଏମର ଦୃଷ୍ଟିକୋଣ ସହିତ ସମନ୍ୱିତ। ମହିଳାଙ୍କ ଅମୂଲ୍ୟ ଅବଦାନକୁ ସ୍ୱୀକାର କରିବା ପାଇଁ, ଟିକେଏମ ୫୦ ରୁ ଅଧିକ ମହିଳା କର୍ମଚାରୀଙ୍କୁ ଏକତ୍ରିତ କରି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବ। ଟୟୋଟା କିର୍ଲୋସ୍କର ମୋଟରର ଅର୍ଥ ଏବଂ ପ୍ରଶାସନର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଜି ଶଙ୍କରା କହିଲେ, ଟୟୋଟା କିର୍ଲୋସ୍କର ମୋଟର ବିଶ୍ୱାସ କରୁ ଯେ, ବିବିଧତା କେବଳ ଏକ ମାପଦଣ୍ଡ ନୁହେଁ ବରଂ ନବସୃଜନ ଏବଂ ପ୍ରଗତି ପାଇଁ ଏକ ମାଧ୍ୟମ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ